

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୬ ମାର୍ଚ୍ଚ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 06 MARCH 2023

Vol.No. 34 ■ No. 62 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କର୍ଣ୍ଣାଟକରେ ହିଜାବ ପିନ୍ଧିଲେ ପରୀକ୍ଷା ଦେଇପାରିବେ ନାହିଁ ଛାତ୍ରୀ

ନୂଆଦିଲ୍ଲୀ, ୦୫/୦୩ : କର୍ଣ୍ଣାଟକର ଶିକ୍ଷାମନ୍ତ୍ରୀ ବିସି ନାଗେସ କହିଛନ୍ତି, ହିଜାବ ପିନ୍ଧୁଥିବା ଛାତ୍ରୀ ମାର୍ଚ୍ଚ ୯ରେ ହେଉଥିବା ପିୟୁସିର ପରୀକ୍ଷାରେ ବସିପାରିବେ ନାହିଁ । ତାଙ୍କୁ ପରୀକ୍ଷାରେ ବସିବା ନେଇ ଅନୁମତି ଦିଆଯିବ ନାହିଁ । ନାଗେଶ କହିଛନ୍ତି, ଗତ ବର୍ଷ ଭଳି ଚଳିତ ବର୍ଷ ମଧ ଛାତ୍ରୀମାନଙ୍କୁ ୟୁନିଫର୍ମ ପିନ୍ଧିବାକୁ ହେବ । ଏହି ନିୟମର ପାଳନ କରିବା ଜରୁରୀ । ଶିକ୍ଷଣ ସଂସ୍ଥାନ ଏବଂ ସରକାର ନିର୍ଦ୍ଧାରିତ ନିୟମ ଅନୁସାରେ କାମ କରିବେ । ମନ୍ତ୍ରୀ ଆହୁରି ମଧ କହିଛନ୍ତି, ହିଜାବ ପ୍ରତିବନ୍ଧକ ପରେ ପରୀକ୍ଷାରେ



ବସୁଥିବା ମୁସଲିମ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ସେ ଏହା ମଧ ଦାବି କରିଛନ୍ତି ଯେ ହିଜାବ ଉପରେ ପ୍ରତିବନ୍ଧକ ପରେ ଅଧିକ ସଂଖ୍ୟାରେ ମୁସଲିମ ଭଉଣୀ ସାମିଲ ହେଉଛନ୍ତି । ଏହି ନିଷ୍ପତ୍ତି ପରେ ଆହୁରି ଅଧିକ ସଂଖ୍ୟାରେ ଛାତ୍ରୀ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଛନ୍ତି ।

## ସିବିଆଇ ଓ ଇଡିର ହେଉଛି ଦୁରୁପଯୋଗ

### ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ ଦଳର ୯ ନେତା

ନୂଆଦିଲ୍ଲୀ, ୦୫/୦୩ : ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିରୋଧୀ । କେନ୍ଦ୍ରୀୟ ଏଜେନ୍ସିର ଦୁରୁପଯୋଗ ହେଉଥିବା ନେଇ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଚିଠି ଲେଖି ବିଜେପିକୁ ନିନ୍ଦା କରିଛନ୍ତି । ସିବିଆଇ ଓ ଇଡି ଭଳି କେନ୍ଦ୍ରୀୟ ଏଜେନ୍ସିର ଏବେ ଦୁରୁପଯୋଗ ହେଉଥିବା ଚିଠିରେ ଉଲ୍ଲେଖ କରିଛନ୍ତି ବିରୋଧୀ । କେବଳ ଏତିକି ନୁହେଁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ଟାର୍ଗେଟ କରି ବିରୋଧୀ ଲେଖିଛନ୍ତି ଯେ, ବିରୋଧୀ ଦଳରୁ ଯେଉଁ ନେତା ବିଜେପିରେ ସାମିଲ ହେଉଛନ୍ତି ସେମାନଙ୍କ ବିପକ୍ଷରେ ଯାଞ୍ଚ ଗତି ଧୀମା ହୋଇଯାଉଛି । ସେହିଭଳି କିଛି ରାଜ୍ୟପାଳ ଏବେ କେନ୍ଦ୍ର ଓ ରାଜ୍ୟ ମଧରେ ବଢୁଥିବା ବିବାଦର କାରଣ ପାଲଟିଛନ୍ତି । ୨୬ ଫେବ୍ରୁଆରୀରେ ଲମ୍ବା ପଚରାଉଚରା ପରେ ଦିଲ୍ଲୀ ଉପ-



ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ଗିରଫ କରିଥିଲା ସିବିଆଇ । କିନ୍ତୁ ମନୀଷଙ୍କୁ ଗିରଫ କରିବା ସମୟରେ କୌଣସି ପ୍ରମାଣ ଦେଖାଇନଥିଲା ସିବିଆଇ । ସେହିଭଳି ୨୦୧୪ ପରେ ଯେଉଁ ନେତାଙ୍କ ଉପରେ ବି କାର୍ଯ୍ୟାନୁଷ୍ଠାନ ହୋଇଛି ସେମାନଙ୍କ ମଧରେ ବିପକ୍ଷ ଦଳର ଅଧିକାଂଶ ନେତା ରହିଛନ୍ତି । ସେହିଭଳି କୋଇଲା ଘୋଟାଲାରେ ଇଡି ଛତିଶଗଡ ନେତାଙ୍କ ଘରେ ଚଢାଉ କରିଥିବାର ଦେଖିବାକୁ ମିଳିଛି । ମନି ଲଣ୍ଡ୍ରିଂ ମାମଲାରେ କଂଗ୍ରେସ ନେତାଙ୍କ ଘରେ ଚଢାଉ ହୋଇଥିଲା । କଂଗ୍ରେସର ମହାଅଧିବେଶନ ହେବା ପୂର୍ବରୁ ଏହି ଚଢାଉ କରିଥିଲା ଇଡି ।

## ବୁଲା କୁକୁରଙ୍କୁ ଆସାମ ପଠାଇ ଦିଅ, ଅଜବ ପରାମର୍ଶ ଦେଲେ ବିଧାୟକ

ନୂଆଦିଲ୍ଲୀ, ୦୫/୦୩ : ରାଜ୍ୟରେ ବଢୁଛି ବୁଲା କୁକୁରଙ୍କ ସଂଖ୍ୟା। ଏହାକୁ ନିୟନ୍ତ୍ରଣ କରିବା ପାଇଁ କୁକୁରଙ୍କୁ ଆସାମ ପଠାଇ ଦିଅ। ଏଭଳି କିଛି ଅଜବ ପରାମର୍ଶ ଦେଇଛନ୍ତି ମହାରାଷ୍ଟ୍ରର ଜଣେ ବିଧାୟକ। ମହାରାଷ୍ଟ୍ରର ବିଧାୟକ ତଥା ପ୍ରହାର ଜନଶକ୍ତି ପାର୍ଟିର ମୁଖ୍ୟ ବଚ୍ଚୁ କୁଡୁଙ୍କ କହିବା ଅନୁସାରେ, ମହାରାଷ୍ଟ୍ରରେ ବୁଲା କୁକୁରଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ଏମାନଙ୍କୁ ଆସାମ ପଠାଇ ଦିଆଯାଉ। ସେଠାକାର ଲୋକେ କୁକୁର ଖାଆନ୍ତି। ବିଧାୟକ ପ୍ରତାପ ସରନାଏକ ଓ ଅତୁଲ ଭଟଖାଲକର୍ ଆଗତ କରିଥିବା ବୁଲା କୁକୁର ଜନିତ ସମସ୍ୟା ସଂକ୍ରାନ୍ତରେ ବିଧାନସଭାରେ ଆଲୋଚନା ଚାଲିଥିବା ବେଳେ କୁଡୁ ଏଭଳି ମନ୍ତବ୍ୟ ଦେଇଛନ୍ତି।

## ମଝି ଆକାଶରେ ଯାତ୍ରୀଙ୍କ ଉପରେ ପରିସ୍ରା କଲେ ଯାତ୍ରୀ

ନୂଆଦିଲ୍ଲୀ, ୦୫/୦୩ : ମଝି ଆକାଶରେ ବିମାନ ମଧରେ ସମସ୍ତଙ୍କ ସାମ୍ନାରେ ଜଣେ ଯାତ୍ରୀଙ୍କ ଉପରେ ପରିଶ୍ରା କରିଛନ୍ତି ଆଉ ଜଣେ ଯାତ୍ରୀ। ଏଥର ଘଟଣା ଘଟିଛି ଆମେରିକାନ୍ ଏୟାରଲାଇନ୍ସର ଏକ ବିମାନରେ। ବିମାନ ମଧରେ ଘଟିଥିବା ଏହି ଘଟଣା ନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛି ଦିଲ୍ଲୀ ପୁଲିସ। ଏପରିକି ସଂପୃକ୍ତ ଯୁବକଙ୍କ ଯାତ୍ରା ଉପରେ କଟକଣା ଲଗାଇଛି ଆମେରିକାନ



ଏୟାରଲାଇନ୍। ଶୁକ୍ରବାର ରାତି ପ୍ରାୟ ୯ଟା ୧୬ ମିନିଟରେ ନ୍ୟୁୟର୍କରୁ ନୂଆଦିଲ୍ଲୀ ଅଭିମୁଖେ ବାହାରିଥିଲା ଆମେରିକାନ ଏୟାରଲାଇନ୍ସର ବିମାନ ଏଏ-୨୯୨। ଶନିବାର ରାତି ପ୍ରାୟ ୧୦ଟା ୧୨ ମିନିଟରେ ଫ୍ଲାଇଟ୍ ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ▶▶ପୃଷ୍ଠା ୭

## ମାର୍ଚ୍ଚ ପହିଲାରୁ ଅସହ୍ୟ ତାତି : ୩୮ ଡିଗ୍ରୀ ଉପରେ ୮ ସହର

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ପାଣିପାଗ ବିଭାଗର ଆକଳନ ଅନୁସାରେ ମାର୍ଚ୍ଚ ଆରମ୍ଭରୁ ସୂର୍ଯ୍ୟଙ୍କ ପ୍ରକୋପ ବଢିବାରେ ଲାଗିଛି । ସକାଳ ୮ଟାରୁ ଟାଣ ଖରା ଦେଖିବାକୁ ମିଳୁଥିବା ବେଳେ ଦିନ ୧୧ ଟା ସୁଦ୍ଧା ରାଜ୍ୟର ଅଧିକାଂଶ ସହରର ତାପମାତ୍ରା ୩୫ ଡିଗ୍ରୀ ଅତିକ୍ରମ କରିଯାଉଛି । ଗତକାଲି ରାଜ୍ୟର ୮ ସହରର ତାପମାତ୍ର ୩୮ ଡିଗ୍ରୀ ଉପରେ ରହିଥିଲା ବେଳେ ୨୦ରୁ ଅଧିକ ସହରରେ ତାପମାତ୍ର ୩୭ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି । ସମ୍ବଲପୁର ଏବଂ ତାଳଚେରରେ ସର୍ବାଧିକ ତାପମାତ୍ର ୩୮.୬ ଡିଗ୍ରୀ ରେକର୍ଡ ହୋଇଛି । ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୮ ଦଶମିକ୍ ୫ ଡିଗ୍ରୀ ରେକର୍ଡ କରାଯାଇଛି । ଦିନ ସାଢେ ୧୧ ଟା ବେଳକୁ ରାଜଧାନୀର ତାପମାତ୍ରା ୩୬ ଡିଗ୍ରୀ ଅତିକ୍ରମ କରିଯାଉଛି । ଏବେ ରାଜ୍ୟରେ ସାମୁଦ୍ରିକ ବାୟୁର ପ୍ରଭାବ କମ ରହିଛି । ଏଥିସହ ବାୟୁମଣ୍ଡଳରେ ଆର୍ଦ୍ରତା ନଥିବା ବେଳେ ବର୍ଷାର ସମ୍ଭାବନା ମଧ ନାହିଁ । ତେଣୁ ଆହୁରୀ ଦୁଇ ଦିନ ରାଜ୍ୟରେ ପ୍ରଚଣ୍ଡ ଖରା ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ହୋଲି ପାଇଁ ୧୪୪ ଧାରା ଜାରି

ନୂଆଦିଲ୍ଲୀ, ୦୫/୦୩ : ହୋଲି ଖେଳକୁ ନେଇ ଲାଗୁ ହେଲା କଟକଣା। ପ୍ରଶାସନ ଜାରି କଲେ ୧୪୪ ଧାରା। ରାଜସ୍ଥାନର ବାଡମୋରାରେ ହୋଲିକୁ ନେଇ ନିଆଯାଇଥିବା ଏଭଳି ଏକ ନିଷ୍ପତ୍ତିକୁ ନେଇ ବିବାଦ ଘନେଇବାରେ ଲାଗିଛି। ଜିଲ୍ଲା ପ୍ରଶାସନ ଏଠାରେ ୧୪୪ ଧାରା ଲାଗୁ କରାଯାଇଛି। ଧାର୍ମିକ ଭାବନାକୁ ଆଘାତ ଦେଲା ଭଳି ରଙ୍ଗ ଖେଳିବା ଉଚିତ ନୁହେଁ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ସେପଟେ ରାଜସ୍ଥାନ ସରକାରଙ୍କ ଏହି ନିର୍ଦ୍ଦେଶକୁ ବିଜେପି ବିରୋଧ କରିଛି। ରାଜସ୍ଥାନର ବିଜେପି ନେତା ରାଜେନ୍ଦ୍ର ସିଂହ ରାଠୋର୍ ବିରୋଧ କରିବା ସହ ଗେହଲଟ୍ ସରକାରଙ୍କୁ ହିନ୍ଦୁ ବିରୋଧୀ ବୋଲି କହିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ କଳଙ୍କ ବୋଲି କହିବା ସହ ଏନେଇ ଜବାବ ମାଗିଛନ୍ତି।

## ଐତିହାସିକ ଡାକୋଟା ବିମାନକୁ ଜାତି ଉଦ୍ଦେଶ୍ୟରେ ସମର୍ପଣ କଲେ ମୁଖ୍ୟମନ୍ତ୍ରୀ

### ଭୁବନେଶ୍ୱର - ରଙ୍ଗେଇଲୁଣ୍ଡା ବିମାନସେବାର ଶୁଭାରମ୍ଭ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ। ଏହି ଅବସରରେ ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଜାତି ଉଦ୍ଦେଶ୍ୟରେ ବିଜୁ ବାବୁଙ୍କ ଐତିହାସିକ ଡାକୋଟା ବିମାନକୁ ସମର୍ପଣ କରିଛନ୍ତି। ଡାକୋଟା । ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ଏହି ବିମାନକୁ ଆଜି ସର୍ବସାଧାରଣଙ୍କ ପାଇଁ, ଓଡ଼ିଆ ମାନଙ୍କ ପାଇଁ ଓ ସାରା ଦେଶ ବାସୀଙ୍କ ପାଇଁ ସମର୍ପିତ କରିଛନ୍ତି। ସୂଚନା ଯୋଗ୍ୟ ଯେ ଏହି ବିମାନ କଲିକତା ବିମାନ ବନ୍ଦର ରେ ବର୍ଷ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ




ଥିଲା। ରାଜ୍ୟ ସରକାରଙ୍କ ଉଦ୍ୟମରେ ଏହାକୁ ଭୁବନେଶ୍ୱର ବିମାନ ବନ୍ଦରକୁ ଅଣା ଯାଇ ମରାମତି କରାଯାଇ ସମ୍ପୂର୍ଣ୍ଣ ନୂଆ ରୂପରେ ପ୍ରଦର୍ଶନ କରାଯାଇଛି। ଏହି ବିମାନରେ ରହିଛି ବିଜୁ ବାବୁଙ୍କର, ଜଣେ ଅଦମ୍ୟ ସାହସୀ ଓଡ଼ିଆ ଯୁବକଙ୍କର ▶▶ପୃଷ୍ଠା ୭

## ଗୁଜରାଟ ପରେ ଏବେ ଆପ୍ ଟାର୍ଗେଟରେ ଛତିଶଗଡ

ନୂଆଦିଲ୍ଲୀ, ୦୫/୦୩ : ଦିଲ୍ଲୀ ଓ ପଞ୍ଜାବରେ ସରକାର ଗଠନ କରିବା ପରେ ଏବେ ଆପ୍ କଂଗ୍ରେସ ଶାସିତ ଛତିଶଗଡ ଉପରେ ନଜର ପକାଇଛି । ଗୁଜରାଟ ଓ ହିମାଚଳରେ ଦଳ ଭଲ ପ୍ରଦର୍ଶନ କରିବାରେ ସଫଳ ହୋଇନଥିଲେ ବି ଛତିଶଗଡ ନିର୍ବାଚନ ପୂର୍ବରୁ କେଜ୍ରିୱାଲ ଓ ଭଗୱନ୍ତ ମାନ ଛତିଶଗଡ ଉପରେ ନଜର ପକାଇଛନ୍ତି । ଏହି କ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ ଆଜି ଛତିଶଗଡର ରାୟପୁରରେ ପାର୍ଟି କାର୍ଯ୍ୟକର୍ତ୍ତାଙ୍କ ସହ ହେବାକୁ ଥିବା ସମ୍ମିଳନୀରେ ଭାଗ ନେବାକୁ ଯାଇଛନ୍ତି । ଏଠାରେ ଏହି ଦୁଇନେତା ଦଳର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି ।୨୦୧୮ ମସିହାରେ ଆମ୍ ଆଦମୀ ପାର୍ଟି ପ୍ରଥମଥର ପାଇଁ ଛତିଶଗଡ ବିଧାନସଭା ନିର୍ବାଚନରେ ଭାଗ ନେଇଥିଲା । ୨୦୧୮ ଛତିଶଗଡ ବିଧାନସଭା ନିର୍ବାଚନରେ ଦଳ ୮୫ଟି ଆସନରେ ପ୍ରତିଦ୍ୱନ୍ଦିତା କରିଥିଲା । ହେଲେ ଦଳ ଗୋଟିଏ ବି ଆସନରେ ବିଜୟୀ ହେବାକୁ ସକ୍ଷମ ହୋଇ ନଥିଲା । ହେଲେ ୨୦୨୨ରେ ପଞ୍ଜାବ ନିର୍ବାଚନ ଜିତିବା ପରେ ଦଳର କର୍ମୀମାନଙ୍କ ଭିତରେ ଉତ୍ସାହ ଭରି ଯାଇଥିବା ଭଳି ଦେଖିବାକୁ ମିଳିଛି । ସେପଟେ କେବଳ ଛତିଶଗଡ ନୁହେଁ ଶନିବାର ଦିନ ଆମ୍ ଆଦମୀ ପାର୍ଟି ମଧ ପ୍ରଦେଶର ସମସ୍ତ ୨୩୦ ଆସନରେ ପ୍ରାର୍ଥୀ ଦେବ ବୋଲି ଘୋଷଣା କରିଛି । ମଧ ପ୍ରଦେଶରେ ଚଳିତବର୍ଷ ଶେଷ ସୁଦ୍ଧା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଦିଲ୍ଲୀ ସରକାରରେ ମନ୍ତ୍ରୀ ଥିବା ତଥା ଦଳର ମଧପ୍ରଦେଶ ନିର୍ବାଚନ ପ୍ରଭାରୀ ଗୋପାଳ ରାୟ ଗଣମାଧମକୁ କହିଛନ୍ତି କି, ଦଳ ତରଫରୁ ଶୀର୍ଷ ନେତାମାନେ ଛତିଶଗଡ ଗସ୍ତ କରି ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଗୋପାଳ ରାୟଙ୍କ ସୂଚନା ମୁତାବକ ଆଜି ଅପରାହ୍ନ ୪ଟା ବେଳେ ଅରବିନ୍ଦ କେଜ୍ରିୱାଲ ଓ ଭଗୱନ୍ତ ମାନ ଛତିଶଗଡର କୃଷି ବିଶ୍ୱ ବିଦ୍ୟାଳୟ ନିକଟରେ ପାର୍ଟି କାର୍ଯ୍ୟକର୍ତ୍ତା ସମ୍ମିଳନୀକୁ ସମ୍ବୋଧିତ କରିବେ ।

## ମାର୍କୋଣାରେ ୯ମ କବି କବିତା ମହାକୁମ୍ଭ ଅନୁଷ୍ଠିତ

### ସମ୍ମାନିତ ହେଲେ ଭରତ, ସୈରିନ୍ଧ୍ରୀ, ସୁନିଲ ଓ ଚନ୍ଦ୍ରମୋହନ

ସିମୁଳିଆ, ୦୫/୦୩ (ନି.ପ୍ର): ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା ଆନୁକୂଲ୍ୟରେ ଆଜି ଦିବସ ବ୍ୟାପି ୯ମ କବି କବିତା ମହାକୁମ୍ଭ ଅନୁଷ୍ଠିତ ହୋଇଛି । ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ସହ କବି ବେଣୁଧର ପାଢୀଙ୍କ କବିତା ସଂକଳନ ଭକ୍ତି ତର୍ପଣ ଲୋକାର୍ପିତ ହେବା ସହ ବିଶିଷ୍ଟ କବି ଡକ୍ଟର ଭରତ ବେହେରାଙ୍କୁ ସୃଜନ ଶ୍ରୀକ୍ଷେତ୍ର ସମ୍ମାନ, କବୀ ସୈରିନ୍ଧ୍ରୀ ସାହୁଙ୍କୁ କବି କବିତା ମହାକୁମ୍ଭ ସମ୍ମାନ, କବି ସୁନିଲ ମିଶ୍ରଙ୍କୁ କବି କବିତା ମହାକୁମ୍ଭ କବିତା ସମ୍ମାନ ଓ କଥାକାର ଚନ୍ଦ୍ରମୋହନ ମହାପାତ୍ରଙ୍କୁ କବି କବିତା ମହାକୁମ୍ଭ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ସୃଜନ ଶ୍ରୀକ୍ଷେତ୍ରର ସଭାପତି କବି ପୂର୍ଣ୍ଣଚନ୍ଦ୍ର ମହାଲିକ୍ଙ୍କ ଅଧକ୍ଷତାରେ ପ୍ରଥମ ଚରଣରେ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ସାହିତ୍ୟିକ ଓ ଔପନ୍ୟାସିକ ତଥା ଧ୍ୱନି ପ୍ରତିଧ୍ୱନିର ପରିଚାଳନା ସଂପାଦକ ସୃଷ୍ଟିଧର ପରିଡା ଉଦଘାଟକ ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବ ଉଦ୍ଘାଟନ କରିଥିଲେ । ପ୍ରତ୍ୟେକ ସାର୍ଥକ କବିତା ନିର୍ଦ୍ଦିଷ୍ଟ ଭାବରେ ସାମାଜିକ ବାର୍ତ୍ତା ବହନ କରିଥାଏ। କବିତା ହିଁ କବିର ଆତ୍ମା ସଦୃଶ କବିର ପରିଚୟ ବହନ କରିଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ପାଳିଆବିନ୍ଧା ବିରଞ୍ଚି ନାରାୟଣ ମାଧବାର୍ଜ୍ଜୁନ କଲେଜର ଓଡିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଅଧାପକ ବିଶ୍ୱରଞ୍ଜନ ଦାସ ଯୋଗ ଦେଇ ରୁଚିହୀନ କବିତା ଲେଖିବା ଅର୍ଥ ପାପ ବହନ କରିବା ଏବଂ ସାହିତ୍ୟ ରଚନାରେ ନିରନ୍ତର ପ୍ରୟାସ ସ୍ରଷ୍ଟାକୁ ଯଶସ୍ୱୀ କରାଏ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ବାଲିଆପାଳ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଓଡିଆ ଭାଷା ସାହିତ୍ୟର ବିଭାଗୀୟ ମୁଖ୍ୟ ଅଧାପକ ଦୟାନିଧି ସାହୁ ଯୋଗ ଦେଇ ଧର୍ମ ଓ ସାରସ୍ୱତ କଳା କର୍ମ ସର୍ବଦା ସଂହତ ହେବା ବିଧେୟ ବୋଲି କହିଥିଲେ। ସ୍ୱଜନ ନିନ୍ଦା ସାରସ୍ୱତ କର୍ମକୁ ନିମ୍ନଗାମୀ କରାଏ ବୋଲି ଶ୍ରୀ ସାହୁ ମତ ଦେଇଥିଲେ। କବି ମଧୁସୂଦନ ମିଶ୍ର ଓ କବି ରବି




କୁମାର ମହାନ୍ତିଙ୍କ କବିତାପାଠର ସଂଯୋଜନା କରିଥିଲେ। ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, କଟକ ଓ କେନ୍ଦୁଝର ଆଦି ଜିଲ୍ଲାରୁ ଆସିଥିବା ୭୬ ଜଣ କବି ସବରଚିତ କବିତା ପାଠ କରିଥିଲେ। ଅପରାହ୍ଣରେ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବରେ କବି ▶▶ପୃଷ୍ଠା ୭

## ଘରର ମୁଖ୍ୟ ଦ୍ୱାରରେ ରଖନ୍ତୁ ଏହି ୬ଟି ଜିନିଷ: ମା' ଲକ୍ଷ୍ମୀଙ୍କର ହେବ ଆଗମନ

**ବାସ୍ତୁ ଶାସ୍ତ୍ର ସକରାତ୍ମକ ଏବଂ ନକାରାତ୍ମକ ଶକ୍ତି ଉପରେ ଆଧାରିତ । ସକରାତ୍ମକ ଶକ୍ତି ଘରେ ସୁଖ ଏବଂ ସମୃଦ୍ଧତା ଆଣିଥାଏ ଯେତେବେଳେ ନକାରାତ୍ମକ ଶକ୍ତି ଜୀବନରେ ଅନେକ ସମସ୍ୟା ଆଣିଥାଏ । ବାସ୍ତୁ ଅନୁସାରେ ଘରର ମୁଖ୍ୟ ଦ୍ୱାରରେ କିଛି ଜିନିଷ ରଖିବା ଦ୍ୱାରା ଅର୍ଥ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ମିଳିଥାଏ ।**

**ଯଦି ଆପଣ ମଧ ନୂଆ ବର୍ଷରେ ମା' ଲକ୍ଷ୍ମୀଙ୍କର ଆଶୀର୍ବାଦ ପାଇବାକୁ ଚାହୁଁଛନ୍ତି ଏବଂ କୌଣସି ପ୍ରକାର ଆର୍ଥିକ ସଙ୍କଟରୁ ଦୂରେଇ ରହିବାକୁ ଚାହୁଁଛନ୍ତି । ତେବେ ନିଶ୍ଚିତ ଭାବରେ ବାସ୍ତୁ ସମ୍ବନ୍ଧୀୟ ଏହି ପଦକ୍ଷେପଗୁଡିକ ଆପଣାନ୍ତୁ । ନୂତନ ବର୍ଷର ଆଗମନ ପୂର୍ବରୁ, ବାସ୍ତୁ ଅନୁସାରେ ଏହି ଜିନିଷଗୁଡ଼ିକୁ ଘରର ମୁଖ୍ୟ ଦ୍ୱାରରେ ରଖିଲେ ଆପଣଙ୍କ ଘରେ ମା' ଲକ୍ଷ୍ମୀଙ୍କର ଆଗମନ ହେବ ।**



୧. ଆର୍ଥିକ ଅବସ୍ଥା ଭଲ ହେବା ପାଇଁ ଘରେ କୌଣସି ବାସ୍ତୁ ତ୍ରୁଟି ରହିବା ଉଚିତ୍ ନୁହେଁ । ଓଡିଆ ନୂଆବର୍ଷର ଆଗମନ ପୂର୍ବରୁ, ଘରର ସମସ୍ତ ତ୍ରୁଟି ଦୂର କରିବା ପାଇଁ ପଦକ୍ଷେପ ନିଅନ୍ତୁ । ଘରର ମୁଖ୍ୟ ଦ୍ୱାରରେ ଏକ ସ୍ୱସ୍ତିକ ଚିହ୍ନ ତିଆରି କରିବା ଦ୍ୱାରା ଘରେ ସକରାତ୍ମକ ଶକ୍ତି ଆସିଥାଏ ।

୨. ଘରର ମୁଖ୍ୟ ଦ୍ୱାରର ଡାହାଣ ପାର୍ଶ୍ୱରେ ଶୁଭ-ଲାଭର ଚିହ୍ନ ଆଙ୍କିବା ଦ୍ୱାରା ଘରର ସଦସ୍ୟଙ୍କୁ ଲାଭ ମିଳିଥାଏ । ଏହା କରିବା ଦ୍ୱାରା ଘରର ନକାରାତ୍ମକ ଶକ୍ତି କମିଯାଏ ଏବଂ ଆର୍ଥିକ ସ୍ଥିତି ମଧ ପୂର୍ବ ଅପେକ୍ଷା ଭଲ ହୋଇଯାଏ ।

୩. ସନାତନ ଧର୍ମରେ ତୁଳସୀ ପତ୍ରକୁ ପବିତ୍ର ବୋଲି ମାନନ୍ତି । ତୁଳସୀ ଭଗବାନ ବିଷ୍ଣୁଙ୍କର ଅତ୍ୟନ୍ତ ପ୍ରିୟ । ତୁଳସୀଙ୍କୁ ମା' ଲକ୍ଷ୍ମୀଙ୍କ ଅନ୍ୟ ରୂପ ଭାବରେ ମଧ ବିବେଚନା କରାଯାଏ । ବାସ୍ତୁ ଶାସ୍ତ୍ରୀଙ୍କ ଅନୁଯାୟୀ, ଘରର ମୁଖ୍ୟ ଦ୍ୱାର ସାମ୍ନାରେ ତୁଳସୀ ଗଛ ଲଗାଇବା ଦ୍ୱାରା ଘରର ଆର୍ଥିକ ଅବସ୍ଥା ସୁଦୃଢ ହୋଇଥାଏ ।

୪.ପ୍ରତ୍ୟେକ ଶୁଭ କାମରେ, ଘରର ମୁଖ୍ୟ ଦ୍ୱାରରେ ଆମ୍ର ପତ୍ରର ମାଳ ବନ୍ଧା ଯାଇଥାଏ । ସନାତନ ଧର୍ମରେ ଏହା ଅତ୍ୟନ୍ତ ପବିତ୍ର ବୋଲି ମାନିଥାନ୍ତି । ବିଶ୍ୱାସ କରାଯାଏ ଯେ ଏହା ଘରକୁ ଶୁଭଫଳ ଦେଇଥାଏ । ଏହାକୁ ଲଗାଇଲେ ମା' ଲକ୍ଷ୍ମୀଙ୍କର ମଧ ଆଗମନ ହୋଇଥାଏ ।

୫. ଘରର ଆର୍ଥିକ ସ୍ଥିତିକୁ ମଜବୁତ କରିବା ପାଇଁ ଭଗବାନ ଶୁକ୍ରଙ୍କୁ ପ୍ରସନ୍ନ କରିବା ଆବଶ୍ୟକ । ଘରର ମୁଖ୍ୟ ଦ୍ୱାରର ଉଭୟ ପାର୍ଶ୍ୱରେ ସୁଗନ୍ଧିତ ଫୁଲର ହାଣ୍ଡି ବସାନ୍ତୁ ଏବଂ ପ୍ରତିଦିନ ପାଣି ଦିଅନ୍ତୁ । ଏହା କରିବା ଦ୍ୱାରା ଧନର ଦେବୀ ମା' ଲକ୍ଷ୍ମୀଙ୍କର ଘରେ ଆଗମନ ହୋଇଥାଏ ।

୬. ଘରେ ସକରାତ୍ମକ ଶକ୍ତି ପାଇଁ ସୂର୍ଯ୍ୟଙ୍କ ଆଶୀର୍ବାଦ ପାଇବା ଆବଶ୍ୟକ । ବାସ୍ତୁ ଶାସ୍ତ୍ରୀଙ୍କ ଅନୁଯାୟୀ, ଯଦି ଘରର ମୁଖ୍ୟ ଦ୍ୱାରରେ ସୂର୍ଯ୍ୟ ଯନ୍ତ୍ରକୁ ରଖାଯାଏ, ତେବେ ଏହା ଘରେ ଥିବା ନକାରାତ୍ମକ ଶକ୍ତିକୁ ନଷ୍ଟ କରିଦିଏ । ଏହା କରିବା ଦ୍ୱାରା ଘରର ଆର୍ଥିକ ଅବସ୍ଥା ଦୂର ହୋଇଯାଏ ।

## ଏହି ସମୟରେ ପରିଧାନ କରନ୍ତୁ ନାହିଁ ରୁଦ୍ରାକ୍ଷ:ନଚେତ ଆପଣଙ୍କ ଉପରେ ପଡିପାରେ ମହାଦେବଙ୍କ ଅଭିଶାପ

ସନାତନ ଧର୍ମରେ ରୁଦ୍ରାକ୍ଷକୁ ବହୁତ ଗୁରୁତ୍ୱ ଦିଆଯାଇଛି । କୁହାଯାଏ ଭଗବାନ ଶିବଙ୍କ ଲୁହରୁ ରୁଦ୍ରାକ୍ଷର ସୃଷ୍ଟି । ତେଣୁ ଏହାକୁ ମହାଦେବଙ୍କ ଅଳଙ୍କାର ଭାବରେ ମଧ ବିବେଚନା କରାଯାଏ । ବିଶ୍ୱାସ କରାଯାଏ ଯେ ରୁଦ୍ରାକ୍ଷ ପିନ୍ଧିବା ଦ୍ୱାରା ଅନେକ ଶାରୀରିକ ଏବଂ ମାନସିକ ଲାଭ ମିଳିଥାଏ । ତଥାପି, ସମସ୍ତେ ନିଜ ଇଚ୍ଛାରେ ଏହାକୁ ପିନ୍ଧି ପାରିବେ ନାହିଁ । ଏହାକୁ ପିନ୍ଧିବାକୁ କିଛି ବିଶେଷ ନିୟମ କୁହାଯାଇଛି, ଯାହା ବିଷୟରେ ଆମେ ଜାଣିବା ଉଚିତ୍, ନଚେତ୍ ବିପର୍ଯ୍ୟୟ ଘଟିବାକୁ ଅଧିକ ସମୟ ଲାଗେ ନାହିଁ ।

◆ଧାର୍ମିକ ବିଦ୍ୱାନଙ୍କ ଅନୁଯାୟୀ ଯେଉଁମାନେ ଶାକାହାରୀ ଖାଦ୍ୟ ଖାଉ ନାହାଁନ୍ତି ସେମାନେ ରୁଦ୍ରାକ୍ଷ ପିନ୍ଧିବା ଉଚିତ୍ ନୁହେଁ। ଯଦି ଏହା କରା ନ ଯାଏ, ରୁଦ୍ରାକ୍ଷ ଅଶୁଦ୍ଧ ହୋଇଯାଏ, ଯେଉଁଥିପାଇଁ ପରିବାରକୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ । ଯଦି ଏହିପରି ଲୋକମାନେ ରୁଦ୍ରାକ୍ଷ ପିନ୍ଧିବାକୁ ଚାହାଁନ୍ତି, ତେବେ ସେମାନେ ପ୍ରଥମେ ଧୂମପାନ ଏବଂ ମାଂସ ଖାଦ୍ୟ ଛାଡିବା ଉଚିତ୍ ।

◆ଶବଦାହ ସ୍ଥଳରେ ରୁଦ୍ରାକ୍ଷ ପିନ୍ଧିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ବିବେଚନା କରାଯାଏ । ସେଥିପାଇଁ ଯେତେବେଳେ ଆପଣ କାହାର ମୃତ୍ୟୁ ପରେ ଶବଦାହକୁ ଯାଆନ୍ତି, ମନେରଖନ୍ତୁ ସେଠାକୁ ଯିବା ପୂର୍ବରୁ ନିଜେ ରୁଦ୍ରାକ୍ଷ ରୋଜାରୀକୁ ଅପସାରଣ କରିବେ । ଯଦି ଭୁଲରେ ଆପଣ ଏହାକୁ ପିନ୍ଧିଛନ୍ତି , ତେବେ ଶବଦାହକୁ ପ୍ରବେଶ କରିବା ପୂର୍ବରୁ ଏହାକୁ ବାହାର କରି ନିଜ ପକେଟରେ ରଖନ୍ତୁ ।

◆ରାତିରେ ଶୋଇବା ସମୟରେ ରୁଦ୍ରାକ୍ଷଙ୍କୁ ସବୁବେଳେ କାଢି ଶୋଇବା ଉଚିତ୍ । ଆପଣ ଏହାକୁ କାଢି ଆପଣଙ୍କ ତକିଆ କିମ୍ବା ତକିଆ ତଳେ ରଖିପାରିବେ । ଏହା କରିବା ଦ୍ୱାରା ରାତିରେ ଖରାପ ସ୍ୱପ୍ନ ଠାରୁ ଆପଣ ଦୂରରେ ରୁହନ୍ତି ଏବଂ ଶାନ୍ତିରେ ଶୋଇ ପାରନ୍ତି । ଯେଉଁ ଲୋକମାନେ ରାତିରେ ଭୟଭୀତ ହୋଇ ଅସୁବିଧାରେ ପଡ଼ନ୍ତି, ସେମାନେ ମଧ ରୁଦ୍ରାକ୍ଷଙ୍କୁ ନିଜ ମୁଣ୍ଡରେ ରଖିବା ଦ୍ୱାରା ଲାଭ ପାଆନ୍ତି ।

◆ସନାତନ ଧର୍ମ ଅନୁଯାୟୀ ଯଦି ଜଣେ ମହିଳାଙ୍କୁ ରୁଦ୍ରାକ୍ଷ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି, ତେବେ ଏକ ସନ୍ତାନ ଜନ୍ମ ଦେବା ସମୟରେ ଏହାକୁ ପରିଧାନ କରିବା ପରେ ସେ ସୂତାର ଅବଧି ଉଚିତ୍ ନୁହେଁ । କେବଳ ଏତିକି ନୁହେଁ, ରୁଦ୍ରାକ୍ଷ ପିନ୍ଧିଥିବା ବ୍ୟକ୍ତି ଯେଉଁଠାରେ ନବଜାତ ଶିଶୁ ଏବଂ ତା'ର ମାତା ଅଛନ୍ତି ସେହି ସ୍ଥାନକୁ ଯିବା ଉଚିତ୍ ନୁହେଁ ।



## ବୟସ ଅନୁସାରେ କେତେ ରହିବା କଥା ବ୍ଲଡ ସୁଗାର ମାତ୍ରା ?

ବର୍ତ୍ତମାନ ସମୟରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି । ଏହାର କାରଣ ହେଉଛି ଖରାପ ଖାଦ୍ୟ ଖାଇବାର ଅଭ୍ୟାସ । ବର୍ତ୍ତମାନ ଲୋକମାନେ ବହୁତ କମ୍ ବୟସରେ ଏହାର ଶିକାର ହେଉଛନ୍ତି । ଯେଉଁଥିପାଇଁ ସେମାନଙ୍କୁ ସେମାନଙ୍କର ଅସ୍ୱାସ୍ଥ୍ୟକର ଖାଦ୍ୟ ବିଷୟରେ ଅନେକ ସତର୍କତା ଅବଲମ୍ବନ କରିବାକୁ ପଡିବ । ତେବେ ଜାଣି ରଖନ୍ତୁ ବୟସ ଅନୁଯାୟୀ ରକ୍ତରେ ଶର୍କରା ସ୍ତର କ'ଣ ହେବା ଉଚିତ୍ । ଯାହାଫଳରେ ଆପଣ ନିଜର ଯତ୍ନ ନେଇ ପାରିବେ । ୧୮ ବର୍ଷରୁ ଅଧିକ ଲୋକଙ୍କ ରକ୍ତରେ ଶର୍କରା ସ୍ତର ଖାଦ୍ୟ ଖାଇବା ପରେ ୧୪୦ମିଲିଗ୍ରାମ ରହିବା ଉଚିତ୍ । ଏବଂ ଯଦି ଆପଣ ଉପବାସ କରୁଛନ୍ତି ତେବେ ଏହା ଡିସିଲିଟର ପିଛା ୯୯ ମିଲିଗ୍ରାମ ହେବା ଉଚିତ । ୪୦ ବର୍ଷ ବୟସ ଅତିକ୍ରମ କରିବା ପରେ, ଲୋକମାନେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କରିବା ଉଚିତ୍ । ଯେଉଁମାନେ ୪୦ ରୁ ୫୦ ବର୍ଷ ବୟସରେ ଥାନ୍ତି ଏବଂ ମଧୁମେହ ରୋଗୀ ହୋଇଥାନ୍ତି ତେବେ ଖାଦ୍ୟ ଖାଇବା ପୂର୍ବରୁ ସେମାନଙ୍କର ସୁଗାର ସ୍ତର ୯୦ ରୁ ୧୩୦ ମିଲିଗ୍ରାମ ହେବା ଉଚିତ୍ । ଖାଦ୍ୟ ଖାଇବା ପରେ ୧୪୦ ମିଲିଗ୍ରାମରୁ କମ୍ ଏବଂ ରାତ୍ରୀ ଭୋଜନ ପରେ ୧୫୦ ରହିବା ଭଲ ବୋଲି କୁହାଯାଏ । ଏହାଠାରୁ ଅଧିକ ହେଲେ ଏହା ଚିନ୍ତାର ବିଷୟ ପାଲଟିଥାଏ । ଏହି ପରିସ୍ଥିତିରେ ଡାକ୍ତରଙ୍କୁ ତୁରନ୍ତ ଦେଖାଇବା ଉଚିତ୍ ।




ଯଦି ଆପଣ ବ୍ଲଡ ସୁଗାରର ରୋଗୀ ତେବେ ଖାଇବା ପିଇବାର ଶୈଳୀ ବଦଳାଇବା ଉଚିତ୍ । ତୁମର ଶାରୀରିକ କାର୍ଯ୍ୟକଳାପ ବୃଦ୍ଧି କରିବା ଉଚିତ୍ । ବ୍ୟାୟାମ ଆପଣଙ୍କ ଜୀବନଶୈଳୀର ଏକ ଅଂଶ ହେବା ଉଚିତ୍ । ଅଧିକ ଚିନି, ଲୁଣ, ଥଣ୍ଡା ପାନୀୟ, ମିଠା ଖାଇବା ଠାରୁ ଦୂରେଇ ରୁହନ୍ତୁ । ଅଧିକ କାର୍ବୋହାଇଡ୍ରେଟ୍ ଥିବା ଜିନିଷ ଖାଆନ୍ତୁ ନାହିଁ । ଆପଣଙ୍କ ଖାଦ୍ୟରେ ସାଲାଡ୍ ସାମିଲ କରିବା ଜରୁରୀ ।

## ସକାଳୁ କାହିଁକି ଖାଲି ପେଟରେ କଫି ପିଇବା ମନା: ହୋଇପାରେ ଅନେକ ସମସ୍ୟା

ଦୁନିଆରେ ବହୁତ ଲୋକ ଅଛନ୍ତି ଯିଏ ସକାଳୁ ଉଠିବା ମାତ୍ରେ ତାଙ୍କୁ ଥକାପଣ ଅନୁଭବ ହୋଇଥାଏ ବା ଉଠିବାକୁ ଇଛା ହୋଇନଥାଏ । ତେଣୁ ନିଦ ଭାଙ୍ଗିବା ପାଇଁ ବା ଆକ୍ଟିଭ ଅନୁଭବ କରିବା ପାଇଁ କଫି ସେବନ କରାଯାଇଥାଏ । କଫି ଢୋକେ ପିଇବା ମାତ୍ରେ ଫ୍ରେସ ଲାଗିବାକୁ ଆରମ୍ଭ କରିଥାଏ । ଏମିତି ମଧ ଲୋକ ଅଛନ୍ତି ଯିଏ ବିନା କଫିରେ ଦିନ ଆରମ୍ଭ କରିପାରନ୍ତି ନାହିଁ । ଆପଣ ଯଦି ସେହି ଲୋକ ମାନଙ୍କ ମଧରେ ଅନ୍ୟତମ ତେବେ ଆପଣ ନିଜ ଶରୀରକୁ କ୍ଷତି ପହଁଚାଉଛନ୍ତି । ତେବେ ଆସନ୍ତୁ ଜାଣିବା କାହିଁକି ଖାଲି ପେଟରେ କଫି ପିଆଯାଏ ନାହିଁ । ଏମିତି ବହୁତ କାରଣ ଅଛି ଯାହାଦ୍ୱାରା ସକାଳେ ଖାଲି ପେଟରେ କଫି ପିଇବା ହାନିକାରକ ଅଟେ । ଖାସକରି ମହିଳା ମାନଙ୍କୁ ଖାଲିପେଟରେ କଫି ସେବନ କରିବା ଅନୁଚିତ । କଫି ଖାଲି ପେଟରେ ପିଇଲେ ଆମ ଶରୀରରେ ଥିବା କୋର୍ଟିସୋଲ ହରମୋନ୍ ଲେବୁଲ୍ ବଢିଯାଇଥାଏ ଯାହା ଓଭ୍ୟୁଲୋସନ, ଓଜନ ଏବଂ ହରମୋନ୍ସ ଉପରେ ଖରାପ ପ୍ରଭାବ ପକାଇଥାଏ । ସକାଳୁ ଷ୍ଟ୍ରେସ ହରମୋନର ଲେବୁଲ ଅଧିକ ରହିଥାଏ । କଫିନ ସେବନ ଦ୍ୱାରା କର୍ଟିସୋଲ ହରମୋନ କମିବା ଯାଗାରେ ବଢିଯାଏ । କର୍ଟିସୋଲ ହରମୋନ ଆମ ଶରୀର ପାଇଁ ଲାଭକାରୀ ଅଟେ । ଯଦି ଆପଣ ଷ୍ଟ୍ରେସରେ ଅଛନ୍ତି ତେବେ କୋର୍ଟିସୋଲ ହରମୋନ ଉତ୍ପାଦନ ଅଧିକ ହୋଇଥାଏ । ଏହାଦ୍ୱାରା ଆପଣଙ୍କ ବ୍ଲଡ଼ ସୁଗାର ଲେବୁଲ ବଢି ଯାଇ ପାରେ, ଯାହା ଇନସୁଲିନ ହର୍ମୋନକୁ ବଢାଇପାରେ । ଶରୀରରେ କର୍ଟିସୋଲ ଅଧିକ ହେଲେ ଓଜନ ବୃଦ୍ଧି ହୋଇଥାଏ ଏବଂ ନିଦ ଜନିତ ସମସ୍ୟା ମଧ ଦେଖାଦେଇପାରେ । ଯେତେବେଳେ ଆମେ ରାତିରେ ଶୋଉଛୁ ସେତେବେଳେ ଆମକୁ ଶୋଷ ଲାଗିନଥାଏ । ତେଣୁ ଆମ ଶରୀରରେ ପାଣି ମାତ୍ରା ରାତିରେ କମିଯାଇଥାଏ ।

## ହଳଦୀର ଏହି ଚମତ୍କାରିତା ପ୍ରତିକାରକୁ ଆପଣାନ୍ତୁ : ଘରେ ବୃଦ୍ଧି ପାଇବ ସୁଖ ସମୃଦ୍ଧି

ଧାର୍ମିକ ରୀତିନୀତିରେ ଔଷଧୀୟ ଗୁଣରେ ଭରପୂର ହଳଦୀ ବ୍ୟବହାର କରିବା ଶୁଭ ବୋଲି ବିବେଚନା କରାଯାଏ । ଯେପରି ହଳଦୀ କ୍ଷୀର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ, ସେହିପରି ହଳଦୀର କିଛି ଉପଚାର ସୁଖ, ସମୃଦ୍ଧତା ଏବଂ ଶୁଭଫଳ ପାଇଁ ପ୍ରଭାବଶାଳୀ ଅଟେ । ହଳଦୀ ଚେହେରାର ରଙ୍ଗ ସହିତ ବ୍ୟକ୍ତିର ଭାଗ୍ୟକୁ ମଧ ଉଜ୍ଜ୍ୱଳ କରିପାରେ । ପଣ୍ଡିତ ଇନ୍ଦ୍ରମାନି ଘାନସାଲ ବ୍ୟାଖ୍ୟା କରିଛନ୍ତି ଯେ, ଶାସ୍ତ୍ରରେ ହଳଦୀକୁ ନେଇ ଏପରି କିଛି କୁହାଯାଇଛି ଯାହାଦ୍ୱାରା ଜୀବନରେ ସୁଖ ସମୃଦ୍ଧି ଏବଂ ସୌଭାଗ୍ୟ ପାଇପାରିବ । ତେବେ ଆସନ୍ତୁ ଜାଣିବା ହଳଦୀକୁ କିପରି ବ୍ୟବହାର କରିବେ ।

ଯଦି ତୁମର ଟଙ୍କା କୌଣସି ସ୍ଥାନରେ ଅଟକି ଯାଇଛି, ତେବେ ହଳଦୀ ର



ପ୍ରତିକାର ତୁମ ପାଇଁ ପ୍ରଭାବଶାଳୀ ହୋଇପାରେ । କିଛି ଚାଉଳ ଶସ୍ୟକୁ ହଳଦୀ ସହିତ ମିଶାଇ ରଙ୍ଗ କରନ୍ତୁ । ଏହା ପରେ ସେହି ରଙ୍ଗ ହୋଇଥିବା ଚାଉଳକୁ ଏକ ନାଲି କପଡ଼ାରେ ବାନ୍ଧି ନିଜ ପର୍ସରେ ରଖନ୍ତୁ । ଏହି ପ୍ରତିକାରରେ ଟଙ୍କା ଆଶୀର୍ବାଦ ପାଇବା ଆରମ୍ଭ କରିବ ଏବଂ ଶୀଘ୍ର ତୁମର ଅଟକାଯାଇଥିବା ଟଙ୍କା ମଧ ଫେରସ୍ତ ହେବ ।

ଯଦି ବୃହସ୍ପତି କୌଣସି ବ୍ୟକ୍ତିଙ୍କ ରାଶିଫଳରେ ଏକ ଅପ୍ରୀତିକର ସ୍ଥିତିରେ ଅଛନ୍ତି, ତେବେ ସେ ଗୁରୁବାର ଦିନ ହଳଦୀ ଏବଂ ବୁଟଡାଲି ଦାନ କରିବା ଉଚିତ୍ । ଏହା ସହିତ ଗୁରୁବାର ଭଗବାନ ବିଷ୍ଣୁଙ୍କୁ ପୂଜା କରାଯିବା ଉଚିତ୍ । ଏହାଦ୍ୱାରା ଗୁରୁଙ୍କ କୃପା ଜୀବନରେ ସର୍ବଦା ରହିବ ।

## ଜୀବନର ସମସ୍ତ ସମସ୍ୟା ଦୂର କରିଥାଏ ଗଙ୍ଗା ଜଳ

ସନାତନ ଧର୍ମରେ ଗଙ୍ଗା ନଦୀ ମାତାର ମାନ୍ୟତା ପାଇଛି । ମାତା ଗଙ୍ଗା ମଧ ଭାରତର ପବିତ୍ର ନଦୀ ମଧରେ ଏକ ପବିତ୍ର ନଦୀ । ବିଶ୍ୱାସ ଅନୁଯାୟୀ, ଗଙ୍ଗା ନଦୀରେ ଗାଧୋଇବା ଦ୍ୱାରା ସମସ୍ତ ପାପ ଧୋଇଯାଏ । କୁହାଯାଏ ଯେ ଜଣେ ବ୍ୟକ୍ତି କେବଳ ଗଙ୍ଗା ଜଳର ସ୍ୱର୍ଶ ଦ୍ୱାରା ସ୍ୱର୍ଗରେ ପହଞ୍ଚନ୍ତି । ଧାର୍ମିକ ବିଶ୍ୱାସ ଅନୁଯାୟୀ, ଗଙ୍ଗାଜଳ ଏତେ ଶକ୍ତିଶାଳୀ ଯେ ଜଣେ ବ୍ୟକ୍ତି ଯେକୌଣସି ପ୍ରକାରର ଭୁଲ କରନ୍ତି, କେବଳ ଏହାର ଛିଞ୍ଚିବା କିମ୍ବା ଗଙ୍ଗା ନଦୀରେ ଗାଧୋଇବା ଦ୍ୱାରା ତାଙ୍କର ପାପ ନଷ୍ଟ ହୋଇଯାଏ ।

ସନାତନ ଧର୍ମ ଗଙ୍ଗା ଜଳର ମହତ୍ୱ ରହିଛି । କୁହାଯାଏ ଯେ ଯେଉଁଠାରେ ଗଙ୍ଗା ଜଳ ଅଛି ତାର ଆଖପାଖରେ ସକରାତ୍ମକତା ରହିଥାଏ । ଗଙ୍ଗା ଜଳ ପାଇଁ ଏପରି ଅନେକ ଜ୍ୟୋତିଷ ଉପଚାର ଅଛି, ଗଙ୍ଗା ପାଣି ଛିଞ୍ଚିବା ଦ୍ୱାରା ସବୁ ସମସ୍ୟା ଦୂର ହେଇଥାଏ ।

ସୂଚନା ଅନୁସାରେ , ଯଦି କୌଣସି ବ୍ୟକ୍ତିଙ୍କ ଘର ସର୍ବଦା ବିବାଦରେ ଲାଗି ରହିଥାଏ , ତେବେ ପୂଜା ପରେ ସେ ତାଙ୍କ ଘରେ ଗଙ୍ଗା ପାଣି ଛିଞ୍ଚିବା ଉଚିତ୍ । ଏହା ସହିତ ଘରର ଅସୁବିଧା ମଧ ଦୂର ହେବ, ନକାରାତ୍ମକତା ମଧ ଦୂର ହୋଇ ସକାରାତ୍ମକତା ପ୍ରବେଶ କରିବ ।

ଗ୍ରହର ତ୍ରୁଟି ହଟାନ୍ତୁ: ଗ୍ରହ ଦୋଷ ରୋଗରେ ପୀଡିତ ବ୍ୟକ୍ତି ପୂଜା କରିବା ପରେ ପ୍ରତି ସୋମବାର ଭଗବାନ ଶିବଙ୍କୁ ଗଙ୍ଗା ପାଣିରେ ଅଭିଷେକ କରିବା ଉଚିତ୍ । ଏହାଦ୍ୱାରା ଗ୍ରହର ତ୍ରୁଟି ପାଇଁ ଯେଉଁ ସମସ୍ୟା ହୋଇଥିବା ସେଥିରୁ ମୁକ୍ତି ମିଳିବ ।

ଏହା ବ୍ୟତୀତ ଶନିବାର ଦିନ ଏକ ପାତ୍ରରେ ପାଣି ନିଅନ୍ତୁ ଏବଂ ସେଥିରେ କିଛି ଗଙ୍ଗା ଜଳ ମିଶାନ୍ତୁ । ବର୍ତ୍ତମାନ ଏହି ପାଣି ଅଶ୍ୱସ୍ତ ଗଛର ମୂଳରେ ଦିଅ । ଏହା ସହିତ ଆପଣ ଗ୍ରହର ତ୍ରୁଟି କାରଣରୁ ସୃଷ୍ଟି ହୋଇଥିବା ସମସ୍ୟାରୁ ମୁକ୍ତି ପାଇବେ ।

ଖରାପ ଦୃଷ୍ଟିରୁ ରକ୍ଷା ମିଳେ: ଯଦି ଘରେ ଛୋଟ ପିଲାମାନଙ୍କ ଉପରେ ଖରାପ ଦୃଷ୍ଟି ପଡିଛି , ତେବେ ପିଲା ଉପରେ ଗଙ୍ଗା ପାଣି ଛିଞ୍ଚନ୍ତୁ । ଏହି ପ୍ରତିକାର ସହିତ ଦୃଷ୍ଟିଦୋଷ ଦୂର ହେବ । କିନ୍ତୁ ଯଦି ପିଲାଟି ବହୁତ କାନ୍ଦୁଛି କିମ୍ବା ବିରକ୍ତ ହେଉଛି, ତେବେ ତାଙ୍କୁ ତୁରନ୍ତ ଡାକ୍ତରଙ୍କୁ ଦେଖାନ୍ତୁ ।

ଶୋଇବା ପୂର୍ବରୁ ଏହି ପ୍ରତିକାର କରନ୍ତୁ: ଶୋଇବା ପୂର୍ବରୁ ଆପଣଙ୍କ ବିଛଣାରେ ଗଙ୍ଗା ପାଣି ଛିଞ୍ଚନ୍ତୁ । ଏହା ସହିତ, ତୁମକୁ ଭଲ ନିଦ ହେବ, ଏବଂ ତୁମର ନିଦ ମଧ ଭାଙ୍ଗିବ ନାହିଁ ଏବଂ ତୁମେ ଖରାପ ସ୍ୱପ୍ନ ମଧ ଦେଖିବ ନାହିଁ ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୬ ମାର୍ଚ୍ଚ ୨୦୨୩, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଉତ୍ତରପୂର୍ବର ଉତ୍ତର ସମୟ...

ଏକ ସମୟ ଥିଲା ଯେତେବେଳେ କି ନୂଆଦିଲ୍ଲୀରେ ଶାସନ କ୍ଷମତାରେ ଥିବା ଦଳ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବିଧାନସଭାଗୁଡ଼ିକରେ ଗଭୀର ଛାପ ଛାଡ଼ିବା କ୍ୱଚିତ୍ ସହଜ ଥିଲା । ଅତୀତରେ ଏହି ଅଞ୍ଚଳରେ କଂଗ୍ରେସର ଉତ୍ତମ ପ୍ରଦର୍ଶନ ପାଇଁ କେନ୍ଦ୍ରରେ ଏହାର ଶାସନ କ୍ଷମତାରେ ରହିବାକୁ କାରଣ ଭାବରେ ନିଆଯାଇପାରେ, ଯେହେତୁ ଏଠାକାର ଅର୍ଥନୀତିକ, ଭିଭିଭୂମିଗତ ଏବଂ ବିକାଶମୂଳକ ନିର୍ଭରତା ଏସବୁ ଅଞ୍ଚଳକୁ କେନ୍ଦ୍ର ଉପରେ ନିର୍ଭରଶୀଳ କରାଇ ଥାଏ । ପରବର୍ତ୍ତୀ ସମୟରେ ଆଞ୍ଚଳିକ ଦଳମାନଙ୍କ ଅଭ୍ୟୁଦୟ ସମ୍ପୃକ୍ତ କ୍ଷେତ୍ରରେ କଂଗ୍ରେସର ଅଧପତନ ସହିତ ମେଳ ଖାଇଲା ବୋଲି କୁହାଯାଇପାରେ । କିନ୍ତୁ ମନେହୁଏ, ଦିଲ୍ଲୀର ରାଜନୀତିକ ହାୱା ଉତ୍ତରପୂର୍ବରେ ପୁଣିଥରେ ବହିବାକୁ ଆରମ୍ଭ କରିବା ପରେ ଘଣ୍ଟାର କଣ୍ଟା ଓଲଟା ବୁଲିବାକୁ ଆରମ୍ଭ କରିଛି । ଏଭଳି ପରିକଳ୍ପନାର ପ୍ରସ୍ତାବକମାନେ ଏହି ଅଞ୍ଚଳର ବିଧାନସଭା ନିର୍ବାଚନ ପରେ ସଦ୍ୟ ଘୋଷିତ ଫଳାଫଳରେ ଭାରତୀୟ ଜନତା ପାର୍ଟି (ବିଜେପି)ର ପ୍ରଭାବଶାଳୀ ପ୍ରଦର୍ଶନକୁ ଦେଖି ସେମାନଙ୍କ ଅନୁମାନ ସମ୍ପୂର୍ଣ୍ଣ ସତ୍ୟ ସାବ୍ୟସ୍ତ ହୋଇଥିବା ନେଇ ଆନନ୍ଦ ଅନୁଭବ କରି ପାରନ୍ତି । ଉତ୍ତରପୂର୍ବର ତିନିଗୋଟି ରାଜ୍ୟଙ୍କ ମଧ୍ୟରେ ତ୍ରିପୁରା ଏବଂ ନାଗାଲ୍ୟାଣ୍ଡ ବିଜେପିର ସଫଳତା ତାଲିକାରେ ଉପରେ ରହିବେ । ତ୍ରିପୁରାରେ ପାଞ୍ଚଥର ଲଗାତର ଭାବରେ ଶାସନ କ୍ଷମତାରେ ରହିଥିବା ବାମପନ୍ଥୀମାନଙ୍କୁ ୨୦୧୮ରେ ପରାଜିତ କରିବାର ଇତିହାସ ସୃଷ୍ଟି କରି କ୍ଷମତାକୁ ଆସିଥିବା ବିଜେପି ପୁଣିଥରେ ଏଠାରେ ସରକାର ଗଠନ କରିବା ଆଶା କରାଯାଉଛି । ଏହା ଏକ ସାଧାରଣ ସଫଳତା ନୁହେଁ । କାରଣ, ବାମପନ୍ଥୀ ଏବଂ କଂଗ୍ରେସ ସହିତ ଆଞ୍ଚଳିକ ଦଳ ତିପ୍ରାହା ଇଣ୍ଡିଜେନସ୍ ପ୍ରୋଗ୍ରେସିଭ୍ ରିଜିଓନାଲ ଆଲିଆନ୍ସର ପ୍ରଚାରରେ ପ୍ରଭାବିତ ହୋଇ ଏହା ଆଡ଼କୁ ଉଲ୍ଲେଖନୀୟ ସଂଖ୍ୟକ ଭୋଟର ଢଳି ଥିବାରୁ ଏହି ରାଜ୍ୟ ଏକ ବହୁ ଦିଗବିଶିଷ୍ଟ ପ୍ରତିଦ୍ୱନ୍ଦିତାକୁ ପରିଲକ୍ଷିତ କରିଥିଲା । ପରନ୍ତୁ, ନାଗାଲ୍ୟାଣ୍ଡର ଭୋଟରମାନେ ନ୍ୟାସନାଲିଷ୍ଟ ଡେମୋକ୍ରାଟିକ ପ୍ରୋଗ୍ରେସିଭ ପାର୍ଟି ଏବଂ ବିଜେପିର ମେଣ୍ଟକୁ ସାଦରେ ଗ୍ରହଣ କରି ନେଇଥିଲେ । ମେଘାଳୟ ଏକ ବିଭାଜିତ ଫଳାଫଳ ପ୍ରଦାନ କରିଛି । ତେବେ ଝୁଲା ଫଳାଫଳ ପରେ କନ୍‌ରାଡ୍ ସାଙ୍ଗ୍ମାଙ୍କ ନ୍ୟାସନାଲ ପିପଲସ୍ ପାର୍ଟି, ଯାହା ଏକ ନିର୍ଣ୍ଣାୟକ ସଂଖ୍ୟା ଗରିଷ୍ଠତାଠାରୁ ପଛରେ ରହି ଯାଇଛି, ତାହା ବିଜେପିକୁ ସାକ୍ଷାତ କରିଛି । ପୂର୍ବରୁ ଏହି ଦୁଇ ଦଳଙ୍କ ମଧ୍ୟରେ ମେଣ୍ଟ ଥିଲେ ସୁଦ୍ଧା ଚଳିତ ନିର୍ବାଚନରେ ଏମାନେ ପୃଥକ୍ ପୃଥକ୍ ଭାବରେ ନିର୍ବାଚନ ଲଢ଼ିଥିଲେ। ଏବେ କିନ୍ତୁ ଝୁଲା ଫଳାଫଳ ପୁଣିଥରେ ସେମାନଙ୍କୁ କୋଳାକୋଳି ହେବା ଭଳି ପରିସ୍ଥିତି ସୃଷ୍ଟି କରିଛି । ଏହିସବୁ ରାଜ୍ୟରେ ବିଜୟ ଯଦିଓ ଅନେକ ଯାହା ଭବିଷ୍ୟବାଣୀ କରିଥିଲେ, ସେହି ତୁଳନାରେ ସାମାନ୍ୟ କମ୍ ହୋଇଛି, ତଥାପି ବିଜେପି ଏହାକୁ ସ୍ୱାଗତ କରିବ, କାରଣ ଏହି ଅଞ୍ଚଳର ଭୌଗୋଳିକ ଅବସ୍ଥିତି ତଥା ସ୍ଥାନୀୟ ଗତିଶୀଳତା ବିଜେପିର ଚିରାଚରିତ ମାର୍କା ରାଜନୀତି ପାଇଁ ଅନୁକୂଳ ପରିବେଶ ପ୍ରଦାନ କରିନଥାଏ। ତେଣୁ ଗୋଟିଏ ଧାଡ଼ିର ବିଶ୍ଳେଷଣାତ୍ମକ ଚିନ୍ତାଧାରା ସହଜରେ ନିର୍ବାଚନ ଫଳାଫଳ ସମ୍ପର୍କରେ ସୂଚାଇ ଦେଇପାରେ ଯେ ସମ୍ପୃକ୍ତ ଅଞ୍ଚଳର ବିକାଶ ନିମନ୍ତେ ଲଗାତର ଭାବରେ କେନ୍ଦ୍ରୀୟ ସହାୟତା ଉପରେ ଅତ୍ୟଧିକ ପରିମାଣରେ ନିର୍ଭରଶୀଳତା ଏଥିପାଇଁ ଦାୟୀ । ତେବେ, ଯେଉଁ ବିଷୟରେ କମ୍ ଆଲୋଚନା ହେଉଛି, ତାହା ହେଉଛି ବିଜେପିର ନିର୍ବାଚିତ ରାଜନୀତିକ ବାକ୍ପଟୁତା । ଏସବୁ ରାଜ୍ୟରେ ବିଜେପି ତା'ର ରାଜନୈତିକ ଆକ୍ରମଣାତ୍ମକ ଆଭିମୁଖ୍ୟ ବଦଳରେ ଏକ ଗଣନାଯୋଗ୍ୟ ଖ୍ରୀଷ୍ଟିଆନ୍ ଜନସଂଖ୍ୟା, ଯେଉଁମାନେ ଭାରତର ଅନ୍ୟାନ୍ୟ ସ୍ଥାନରେ ଦକ୍ଷିଣପନ୍ଥୀ ହିଂସାର ଶିକାର ହୋଇଛନ୍ତି, ସେମାନଙ୍କ ଖାଦ୍ୟ ରୁଚି ଭଳି ଏହାର ସହାୟକ ସାଂସ୍କୃତିକ ଦିଗକୁ ଆଶ୍ରୟ କରି ଧୀରେ ଧୀରେ ପାଦ ଥାପି ପାରିଛି। ୨୦୧୮ରେ ପ୍ରଥମ ଥର ପାଇଁ ବିଜେପି ଏଠାରେ ପ୍ରବେଶ କରିବା ପରେ ସାମ୍ପ୍ରତିକ ବିଜୟ ଏହାକୁ ତା'ର ସ୍ଥିତିକୁ ସୁଦୃଢ଼ କରିବାର ସୁଯୋଗ ପ୍ରଦାନ କରିଛି ଏବଂ ଏହା ଏକ ସର୍ବଭାରତୀୟ ଦଳ ଭାବରେ ନିଜକୁ ଦାବି କରିବା ନିମନ୍ତେ ବିଜେପି ପାଇଁ ପର୍ଯ୍ୟାପ୍ତ ପରିମାଣରେ ସହାୟକ ହେବ । କିନ୍ତୁ ଏହା ମଧ୍ୟ ଏକଥା ବି ଦର୍ଶାଇବ ଯେ ସରକାର- ବିରୋଧୀ ହାୱା, ଭାବାବେଗ ବିଜଡ଼ିତ ପ୍ରଚାର ଏବଂ ତତ୍ପରତାପୂର୍ଣ୍ଣ ବିରୋଧ କରିବାର କୌଶଳ ତଥାପି ନିର୍ବାଚନଗୁଡ଼ିକୁ ପ୍ରତିଯୋଗିତାମୂଳକ କରି ତୋଳିବାର ସମ୍ଭାବନା ବହନ କରେ । ଏବେ ଏସବୁ ଉପରେ ଲକ୍ଷ୍ୟ କରିବା ପାଇଁ ରହିଛି କର୍ଣ୍ଣାଟକ । ହାର କାରଣ, ବିଜେପି, ଯାହା ଆକ୍ରମଣାତ୍ମକ ସମ୍ପ୍ରସାରଣରେ ବିଶ୍ୱାସ କରେ, ତା'ର ମିତ୍ର ଦଳମାନଙ୍କ ସହାୟତାରେ ବୃଦ୍ଧିଲାଭ କରିଥାଏ ବୋଲି ସମସ୍ତେ ଜାଣନ୍ତି । ତେଣୁ ଏହି ନୀତି ଅନୁସାରେ ଯେଉଁ ରାଜ୍ୟରେ ବିଜେପି କନିଷ୍ଠ ଭାଗିଦାର ଭାବରେ ରହିଥାଏ, ସେଠାରେ ଏହା ତା'ର ଝାମ୍ପ ମାରିବା କୌଶଳକୁ ଅବଲମ୍ବନ କରିଥାଏ ଏବଂ ଏଠାରେ ମଧ୍ୟ ତାହା ଘଟିବ ନାହିଁ ବୋଲି କହିବା ସହଜ ନୁହେଁ । ଏଭଳି ଶାଖା ପ୍ରଶାଖା ମେଲିବା ପାଇଁ ବାଧବାଧକତା ଉଭୟ ରାଜନୀତିକ ଏବଂ ଆଦର୍ଶଗତ । ତା' ସହିତ ତ୍ରିପୁରାରେ ତିପ୍ରା ମୋଥା ଭଳି ଅଭ୍ୟୁଦୟ ଘଟିଥିବା ଦଳମାନଙ୍କର ମଧ- ଆଗାମୀ ଦିନମାନଙ୍କରେ ପ୍ରତିଯୋଗିତାକୁ ତୀବ୍ର କରିବା ନିମନ୍ତେ ଦ୍ୱାର ଉନ୍ମୋଚନ କରିବାର ସମ୍ଭାବନା ରଖେ।

## ଶବ୍ଦ ପ୍ରଦୂଷଣ ଜୀବନ ମାରକ ! ସଚେତନତା ଜରୁରୀ

### ପ୍ରଦୋଷ କୁମାର ଦାସ



ଶବ୍ଦ ବ୍ରହ୍ମରେ ପରମାତ୍ମାଙ୍କର ସୃଷ୍ଟିର ସବୁଠାରୁ ଭାଗ୍ୟବାନ ଜୀବ ମଣିଷର ପ୍ରତିଟି ଜୀବନର ଗତି ଓମକାର ଧ୍ୱନି ସହିତ ସାବଲୀଳ ଭାବରେ ଗତିଶୀଳ। ଯେଉଁ ଶବ୍ଦ ଯେତିକି ଗ୍ରହଣୀୟ, ଏହାର ବ୍ୟବହାର ଓ ଶୃଂଖଳିତ ଉପଯୋଗ କରିବାରେ ଆମକୁ ଧ୍ୟାନ ରଖିବାକୁ ପଡ଼ିଥାଏ । କାରଣ ଏହାର ସ୍ୱଭାବ ସୁଲଭ ଉଚ୍ଚାରଣ ଅନ୍ୟର ହୃଦୟକୁ ଛୁଇଁ ଯାଇଥାଏ। ଯେପରିକି ଅସୀମ ଶକ୍ତିମୟ 'ଓମ୍'ର ସ୍ୱର ଅନ୍ତରୁ ପ୍ରକାଶ ହୋଇ ଦିଗ ବିଦିଗ ହୋଇ ଖେଳିଗଲା ବେଳେ ଏକ ପ୍ରକାର ଆତ୍ମିକ ଉତ୍ତରଣ ଘଟିଥାଏ । ଏହାର ଉଚ୍ଚାରଣର ଉତ୍ତରଣ ସ୍ୱତଃ ଅନୁରଣୀତ ହୋଇ ଆସିଗଲା ବେଳେ, ଲାଗେ ଏହି ପରମ କାରୁଣିକ ଧ୍ୱନି ନିଜ ମଧ୍ୟରେ ଏକ ପ୍ରକାର ଶକ୍ତି ସାମର୍ଥ୍ୟର ସଂରଚନା କରି କ୍ରମେ ଏହା ଆପଣା ତନୁମନକୁ ପବିତ୍ର ପ୍ରଶାନ୍ତିରେ ଆତ୍ମତୃପ୍ତି ପ୍ରଦାନ କରିଯାଉଅଛି। ଓମ୍ କାର ମନ୍ତ୍ର ମହି ମଣ୍ଡଳୀକୁ ବାସ୍ତବରେ ଉର୍ଜା ପ୍ରଦାନ କରିଥାଏ।

ହେଲେ ଯଥେଚ୍ଛାଚାର। ଭାବେ ଅତ୍ୟୁଚ୍ଚ ଶବ୍ଦ ପ୍ରୟୋଗ ସମେତ ଏହାର କର୍କଶ ଓ ଉଦ୍ଭଟ ଭାବେ ଶବ୍ଦ ଉତ୍ପନ୍ନ କଲାବେଳେ, ଲାଗେ ଏହା ଶବ୍ଦ ପ୍ରଦୂଷଣ। କୋମଳ ଜୀବାତ୍ମାକୁ ଏହା ଅରୁଚିକର ଲାଗିଥାଏ। ସଂଯମତା ଅଭାବରୁ ଆମେ ଆମ ଜୀବନକୁ ଶବ୍ଦ ପ୍ରଦୂଷଣ ମଧ୍ୟରେ ଜଳାଂଜଳି ଦେଇ ରାଜସିକ ଓ ତାମସିକ ଆତିଶଯ୍ୟତାରେ ବିଭୋର କରାଇ ପରିଶେଷରେ ଆପଣା ଦୈନନ୍ଦିନ ଜୀବନରେ ଜାଣିଶୁଣି ଦୁର୍ଗତି ଭରିଚାଲିଛେ । ଏହି କଥାର ମର୍ମକୁ ଯିବା ପୂର୍ବରୁ ଆମ ସମସ୍ତଙ୍କୁ ନିହାତି ପକ୍ଷେ ଆତ୍ମାନୁଶୀଳନ ସହକାରେ ପ୍ରତିଟି ସମୟର ଏକ ରୁଚିପୂର୍ଣ୍ଣ ସାବଲୀଳତା କିପରି ଆମ ସବୁରିଙ୍କ ବର୍ତ୍ତମାନ ସମୟକୁ ସୁସ୍ଥ ଓ ସୁଖପ୍ରଦ ରଖିପାରିବ, ବୁଦ୍ଧିମତାର ସହ ଆବଶ୍ୟକ ବିବେଚନା କରିବା ବିଧେୟ ଅଟେ।

ଏହି ଶବ୍ଦ ପ୍ରଦୂଷଣକୁ ନେଇ ପାଠକ ଆପଣେ, ପ୍ରଥମେ ଆପଣ ଭଲା ନିଜକୁ ପ୍ରଥମେ ବିବେଚନା କରନ୍ତୁନା ! ବଦ୍‌ରାଗୀ ଅଯଥାରେ ରାଗରେ ହୋହଲ୍ଲା କରି ଥାଏ। ରାଗିଗଲେ ହିତାହିତ ଜ୍ଞାନ ଭୁଲି ମନ ଇଛା ବକି ଚାଲେ। ବକିବା ବେଳେ ହିତାହିତ ଭୂଲି ଉଚ୍ଚ ସ୍ୱରରେ ନାନାଦି ଶବ୍ଦ ପ୍ରୟୋଗ କରି ପରୋକ୍ଷରେ ନିଜକୁ ଅସୁସ୍ଥ କରିପକାଇଥାଏ। ଅନ୍ୟର ଶାନ୍ତି ବ୍ୟାହତ କରିବା ସହ ଟିକିଏ ଟିକିଏ କଥାରେ ବାହାସ୍ଫୋଟ ମାରି ଅନ୍ୟକୁ ନିଚା ଦେଖାଇଲା ଲକ୍ଷ୍ୟରେ ଅଯଥା ଅପଶବ୍ଦ ପ୍ରୟୋଗ କରି ନିଜକୁ ମୁଷ୍ଟିମେୟ ପ୍ରମାଣିତ କରିଥାଏ। ଏପରି ଅପରିଣାମଦର୍ଶୀ ଲୋକେ ତ ଆମ ଚାରିପାଖେ ଅନେକ ମିଳିବେ। ନିଜ ସ୍ୱାର୍ଥ ହାସଲ ପାଇଁ ଥରେ କ'ଣ ବାରମ୍ବାର ରାଗିଗଲେ ମଧ ପ୍ରବାଦ ନଥାଏ। ସେମାନେ ଅନ୍ୟମାନଙ୍କୁ ଗଳା ଫଟାଇ ନାନାଦି ଗାଳିଫଂଜିତ କରି ଦାଦାଗିରି ଦେଖାଇ ପରିବେଶ ଓ ପରିସ୍ଥିତିକୁ ନିରାନନ୍ଦ କରିବାରେ ସତେ ଅବା ପାଳନରୁ ଚୁନ ଖସିଗଲା ଭଳି ଅବଶ୍ୟ ତୁଚ୍ଛା କଥା ଅଟେ। ରାଗୀ ଲୋକଟିଏକୁ ଦିନେ ନା ଦିନେ ସ୍ଥିର ମସ୍ତିଷ୍କରେ ଭାବିବାକୁ ପଡ଼ିବ ଯେ, ଏହି କର୍କଶ ଶବ୍ଦ ପ୍ରୟୋଗ କଲାବେଳେ ତାର ସମ୍ମୁଖରେ ରହିଥିବା ନିରୀହ ଲୋକଟି କେତେ ନିରାନନ୍ଦ ଓ ଅସହାୟ ସତରେ ରହିଥିଲା ! ତେବେ ଅଯଥା ଶବ୍ଦ ପ୍ରଦୂଷଣ କାରୀ ତଥା ବାଗାଡମ୍ବର ଶବ୍ଦ ପ୍ରୟୋଗକରୁଥିବା ଲୋକଟି କେବେ ମଧ ସଂଯମୀ ମଣିଷଟିଏ ନୁହେଁ । ତାକୁ କଦାଚିତ ସୁସ୍ଥ ମଣିଷ ଟେ ବୋଲି କହିପାରିବା ନାହିଁ। ଯେଉଁ ମଣିଷ ଯେତେ ରାଗୀ, ତାର ବାକ୍ୟ ପ୍ରୟୋଗରେ ସେତିକି ସେ ସଂଯମୀ। ଶବ୍ଦ ପ୍ରଦୂଷଣର କାରଣ ଓ ଶବ୍ଦ ପ୍ରୟୋଗ ରେ ଉଦଭ୍ରାନ୍ତ ମଣିଷଟିଏ ନିଶ୍ଚୟ ଅଳ୍ପାୟୁ ହୋଇଥାଏ।

ସୁଜନେ ଶୁଣିଲେ ହସିବାକୁ ବାଧ ହେବେଯେ, ରାଗୀ ଲୋକଟି ରାଗିଗଲେ ନିଜର ବାକ୍ୟ ବାଣ ପ୍ରୟୋଗ କଲାବେଳେ କାହିଁକି ଉଚ୍ଚ ସ୍ୱରରେ ଗର୍ଜନ କରିଥାଏ, ତାହା ତାକୁ ହିଁ ଜଣା ! ଏକଥା ନିଶ୍ଚିତ ଯେ, ଗାଳିର ଶିକାର ଲୋକଟି କେବେ ମଧ ଶ୍ରବଣ ବାଧକ ବ୍ୟକ୍ତି ନୁହେଁ। ତାକୁ ତା'ର ସାମନାରେ ରାଗୀ ଲୋକଟି କହୁଥିବା କର୍କଶ କଥା ଓ ଭାଷା ବେଶ ଶୁଭାଯାଉଥିବା ନିଶ୍ଚିତ ଜାଣି ମଧ ଧିରେ ସୁସ୍ପଷ୍ଟ କହିବା ବଦଳରେ କାହିଁକି ସେ ରାଗୀ ଲୋକଟି ଗର୍ଜନ ତର୍ଜନ କରି କଷ୍ଟ ପାଏ, ତାହା ତାକୁ ହିଁ ଜଣା। ଏହା ଫଳରେ ଅଯଥା ଶବ୍ଦ ପ୍ରଦୂଷଣ ସୃଷ୍ଟି ହୋଇ ନିରାନନ୍ଦ ପରିବେଶ ଓ ପରିସ୍ଥିତି ଭାରାକ୍ରାନ୍ତ ହୋଇଥାଏ !

ଗହଳି ମଧ୍ୟରେ ମୋବାଇଲ ଫୋନରେ ଉଚ୍ଚ ସ୍ୱରରେ କଥା ବାର୍ତ୍ତା ହେବା ଭଳି ସାଧାରଣ ପରିବେଶରେ ଉଚ୍ଚ ସ୍ୱରରେ ଭଲ୍ୟୁମ ବଢାଇ ମ୍ୟୁଜିକ ପ୍ଲେୟାର, ସାଉଣ୍ଡ ବକ୍ସ, ରେଡ଼ିଓ, ଟିଭି, ରେକର୍ଡର, ମୋବାଇଲ ଫୋନରେ ମନପସନ୍ଦ କଥା ଅବା ସଂଗୀତ ସମେତ ଅନ୍ୟାନ୍ୟ ତଥ୍ୟ ଶ୍ରବଣ କରିବାରେ ଏବେ ପିଲାଠାରୁ ବୁଢ଼ା, ବହୁ ଲୋକଙ୍କର ପ୍ରାୟ ପ୍ରବୃତ୍ତି ହୋଇଗଲାଣି। ଏହି ଉଚ୍ଚ ସ୍ୱର ଆଖପାଖ ପରିବେଶରେ ରହୁଥିବା ଅନ୍ୟମାନଙ୍କ ପାଇଁ କେତେ ଗ୍ରହଣୀୟ ତଥା ଏହି ଶବ୍ଦ ପ୍ରଦୂଷଣ କେତେ ସମୀଚିନ ବୋଲି କେହି ବିଚାରୁ ନାହାନ୍ତି । ଆପଣ ଏହାକୁ ଅନୁଧ୍ୟାନ କରି ବାସ୍ତବରେ ଏହା ସମସ୍ତଙ୍କ ପାଇଁ ଗ୍ରହଣୀୟ ହେଉଛି କି ନାହିଁ ବୋଲି ଥରେ କେବେ ବିବେଚନା କରନ୍ତୁ। ଗଳା ଫଟାଇ ଚିତ୍କାର କରିବାକୁ ରାଗୀ ଲୋକଟିକୁ ହୁଏତ ଭଲ ଲାଗିପାରେ, ହେଲେ ଏହା ତା'ର ସ୍ୱାସ୍ଥ୍ୟ ପାଇଁ ନିହାତି ହାନିକାରକ ଅଟେ।

ଡିଜେ ଫେସନ ଯୁଗରେ ଛାତିର ସ୍ପନ୍ଦନ ଅଟକାଇ ଦେଲା ଭଳି କୋଳାହଳ ଓ କର୍କଶ ସମ୍ବଗୀତକୁ ପରିବେଷଣ ପାଇଁ ସାଧାରଣରେ ଉତ୍ସାହ ରହୁଥାଇପାରେ। ବାଦ୍ୟଯନ୍ତ୍ରରେ ୬୩ ଡେସିବଲ ଯୁକ୍ତ ଓ ଏହା ଠାରୁ ଆହୁରି ଅଧିକ ମାତ୍ରାରେ ଶବ୍ଦ କମ୍ପନ ସହିତ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ବାହାରେ ରହୁଥିବା ଦେଖାଯାଉଛି। ଉଚ୍ଚ ସ୍ୱରରେ ଯାନ୍ତ୍ରିକ ବାଦ୍ୟ ସଙ୍ଗୀତ ବାଦନର ତାଳେ ତାଳେ ନୃତ୍ୟରତ ମତୁଆଲା ଯୁବ ପିଢ଼ି ସହ ବାହାଘର ପଟୁଆର ସହିତ ସାମିଲ୍ ପିଲାଠାରୁ ବୁଢ଼ା ତଥା ଯୁବା ଓ ମହିଳାଙ୍କର ଏକ ପ୍ରକାର ଆକର୍ଷଣ ରହୁଛି। ପଟୁଆରରେ ସାମିଲ୍ ଲୋକେ ଡାକେ ବାଟର ରାସ୍ତା ଅତିକ୍ରମ କରିବାକୁ ଦୀର୍ଘ ସମୟ ନେଇ ରହିରହି ହୋହଲ୍ଲା, ନାଚଗୀତ ରେ ଗଗନପବନ ପ୍ରକମ୍ପିତ କରିଦେଇଥାଏ ନୀତି। ଘୋଘା, ଧୁମ୍ ମସ୍ତି କରି ସତେ ଅବା ଆକାଶ ଫଟାଇ ଦେବା ନ୍ୟାୟରେ ପ୍ରଚଣ୍ଡ ଶବ୍ଦମୟ ବାଜା, ବାଣ, ଡିଜେ ଆସରରେ ସାମିଲ୍ ସମସ୍ତ ଲୋକେ ଏକାକାର ହେଲାବେଳେ ଏହା ତାଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ଅନୁକୂଳ, ଭୁଲିଯାଇଥାନ୍ତି। । ନିର୍ବାଚନ ବେଳେ ସାରା ଦିନ ମୋଟ ପ୍ରଚାର ଓ ସାଧାରଣ ସଭାରେ ନିର୍ବାଚନ ଲଢୁଥିବା ବ୍ୟକ୍ତି ଓ ତାଙ୍କର ସମର୍ଥକମାନେ ନିର୍ବାଚନୀ ଜୟଜୟକାର ଧ୍ୱନି ଓ ଗର୍ଜିତ ଭାଷଣ ଅନେକ ସମୟରେ ତୀବ୍ର କଟୁ ଶୃତି ଅଟେ। ଉପରୋକ୍ତ ହୋହଲ୍ଲା ଓ ପ୍ରଚଣ୍ଡ ଶବ୍ଦ ପ୍ରଦୂଷଣ ସହ ସାମିଲ୍ ରହୁଥିବା କେହି କେହି ହୃଦରୋଗୀ ଏହାକୁ ସମ୍ଭାଳି ନପାରି ଅସୁସ୍ଥ ହୋଇ ଅନେକ କ୍ଷେତ୍ରରେ ମୃତ୍ୟୁ ମୁଖରେ ପଡୁଥିବା ନଜିର ରହିଛି। ଜନବସତିରେ ମାତ୍ରାଧିକ ଶବ୍ଦ ପ୍ରଦୂଷଣ ଗର୍ଭବତୀ ମହିଳାଙ୍କ ଗର୍ଭ ନଷ୍ଟ ହେବାର କାରଣ ହୋଇଥାଏ। ବାହାଘର ବରଯାତ୍ରୀବାଲାଙ୍କ ବାଦେ, ବିଭିନ୍ନ ରାଜନୈତିକ ଦଳର ଆପଣା ଦଳୀୟ ନେତାଙ୍କୁ ନିଜ ଅଞ୍ଚଳରେ ସଂଖୋଳି ନେଲାବେଳେ ଅବା ନିର୍ବାଚନରେ ଆପଣା ପ୍ରିୟ ନେତାଙ୍କ ବିଜୟ ଉତ୍ସବ ପାଳନ ବେଳେ, ବ୍ରତ, ମେଳା ମଉଛବ ତଥା ଯାନିଯାତ୍ରା, ଦେବାଦେବୀଙ୍କ ପଟୁଆର ମେଳଣ ଓ ମୂର୍ତ୍ତି ବିସର୍ଜନ ବେଳେ କାନ ଅତଡା ପଡ଼ିବା ଭଳି ବାଣ ଫୁଟାଇ ସହ ଡିଜେ ଗର୍ଜନ ଏକ ପ୍ରକାର ଅତିରଞ୍ଜିତ ଧାରା ବୋଲି ସାଧାରଣରେ ଗ୍ରହଣୀୟ ହୋଇଗଲାଣି। ଛାତି ଥରାଇ ଦେଲାଭଳି ଯାନ୍ତ୍ରିକ ମ୍ୟୁଜିକର ପ୍ରଚଣ୍ଡ ଶବ୍ଦମୟ ସଂଗୀତର ତାଳେ ତାଳେ ଆକାଶ ଫଟାଇ ଦେଲା ଭଳି ପ୍ରଚଣ୍ଡ ବାଣ ବିସ୍ଫୋରଣ ସହିତ ହୋହଲ୍ଲା ପଟୁଆରରେ ସାମିଲ୍ କେହି ଜଣେ ସହୃଦୟୀ ଯେଉଁ ଅଞ୍ଚଳ ଦେଇ ରାସ୍ତା ଅତିକ୍ରମ କରିଯାଉଥିବା ବେଳେ ଅନ୍ତର ସହକାରେ କେବେ ନିଜ ମଧ୍ୟରେ ବିବେଚନା କରିଛନ୍ତି କି, ଏହି କର୍କଶ ଶବ୍ଦ ପ୍ରଦୂଷଣ ସେହି ଅଞ୍ଚଳର ଅଧିବାସୀଙ୍କ ମଧ୍ୟରେ ରହୁଥିବା ଅସହାୟ ରୋଗୀ ଓ ଶିଶୁ ତଥା ସମ୍ବେଦନଶୀଳ ଓ ଦୁର୍ବଳ ହୃଦୟର ବ୍ୟକ୍ତିଗଣଙ୍କୁ ଜୀବନ ମରଣର ସମସ୍ୟା ସୃଷ୍ଟି କରୁଥାଇପାରେ !

ସକଳ କଲ୍ୟାଣ ପାଇଁ ସାତ୍ତ୍ୱିକ ଭାବରେ ପ୍ରତ୍ୟହ 'ଓମ୍' ଉଚ୍ଚାରି ଧୀର ସମୀର ସମାନ ଆପଣା ଆତ୍ମାକୁ ଦିଗ ବିଦିଗ ପ୍ରସରିଗଲେ ଶବ୍ଦ ପ୍ରଦୂଷଣ କେତେ ନିରାନନ୍ଦ ଆପେ ଅନୁଭବ କରିପାରିବେ। ଜୀବନ ନାଶକ ଏହି ଶବ୍ଦ ପ୍ରଦୂଷଣକୁ ଏଡାଇବାକୁ ହେଲେ ବୁଦ୍ଧିବିବେକର ସହ ପ୍ରତ୍ୟହ ନିଜ ମଧ୍ୟରେ ଏକ ପ୍ରତ୍ୟୟ ସୃଷ୍ଟି କରିବାକୁ ହେବ ଯେ, ଶାନ୍ତ ଓ ନିରାଡମ୍ବର ପରିବେଶ ସୃଷ୍ଟି ପାଇଁ ମୋର କର୍ତ୍ତବ୍ୟକର୍ମ ଆବଶ୍ୟକମତେ ନିହାତି ଅଭିପ୍ରେତ ଅଟେ। କାରଣ ଶାନ୍ତ ପରିବେଶରେ ସକଳ ବୁଦ୍ଧି ବିବେକ ଓ ଜ୍ଞାନର ଉଦୟ ହୋଇଥାଏ । ଶେଷରେ ଏତିକି କୁହାଯାଇପାରେ ଯେ ଅଯଥା ଶବ୍ଦ ପ୍ରଦୂଷଣଠାରୁ ଦୂରରେ ରହି ଅନ୍ୟର ଶାନ୍ତି ଓ ସୁରକ୍ଷିତ ଜୀବନ କାମନା କରିବାକୁ କେବେ କୌଣସି କ୍ଷେତ୍ରରେ କୁଣ୍ଠିତ ହେବା ନାହିଁ।

ଓମ୍ ଶାନ୍ତି, ଓମ୍ ଶାନ୍ତି, ଓମ୍ ଶାନ୍ତି ।।

ସ୍ତମ୍ଭକାର, ନାଟୁଣୀ
ଖୋର୍ଦ୍ଧା-୭୫୨୦୩୪
ମୋ: ୬୩୭୦୪୯୫୯୪୪

## ଭ୍ରଷ୍ଟାଚାରକୁ ରୋକିବ କିଏ ?

### ସୁବ୍ରତ କର



ସରକାର ନା ସାଧାରଣ ଜନତା । ପ୍ରତିଦିନ କାଗଜ ଖୋଲିବ ସରକାରଙ୍କ ବଡ଼ ବଡ଼ ଅଫିସରମାନେ ଭିଜିଲାନ୍ସ ଦ୍ୱାରା ବନ୍ଧା ହେଉଛନ୍ତି । ସରକାରଙ୍କ ମନ୍ତ୍ରୀଙ୍କ ସ୍ତରଠୁ ଆରମ୍ଭ କରି ସଚିବ ଏବଂ ସବୁଠୁ ତଳ ସ୍ତର ପର୍ଯ୍ୟନ୍ତ ସମସ୍ତେ ଅଳ୍ପ ବହୁତ ଭ୍ରଷ୍ଟାଚାର ରୋଗରେ ସଂକ୍ରମିତ । ଏତେ ବଡ଼ ସଂକ୍ରମିତ କୋଭିଡ ରୋଗ ସାରା ଦେଶ ବା ଦୁନିଆରୁ ପ୍ରାୟ ଉଭେଇ ଯାଇଛି କିନ୍ତୁ ଭ୍ରଷ୍ଟାଚାର ଲୋପ ପାଇବାର ନାମ ଧରୁ ନାହିଁ । ମୋର ଅଭିଜ୍ଞତାରୁ କହି ପାରିବି ସରକାରୀ ସ୍ତରରେ ବା ସରକାରଙ୍କଠାରେ କାର୍ଯ୍ୟରତ କର୍ମଚାରୀଙ୍କ (ଯେକୌଣସି ସ୍ତରର ହୁଅନ୍ତୁ) ପ୍ରାୟ ୮୦-୯୦ ଭାଗ ଭ୍ରଷ୍ଟାଚାରରେ ଲିପ୍ତ । ଯେଉଁ ୧୦-୨୦ ଭାଗ ରହିଲେ ହୁଏତ ସେମାନେ କିଛି କରନ୍ତି ନାହି ବା ସେମାନେ ସଚ୍ଚୋଟ ଯେଉଥି ପାଇଁ କି ସରକାରଙ୍କ କାମ ଚାଲିଛି । ସରକାରଙ୍କ କୌଣସି ଅଫିସରେ ବିନା ଟଙ୍କାରେ ଫାଇଲ ଉପରକୁ ଉଠିବାର ପ୍ରଶ୍ନ ଉଠୁ ନାହିଁ । ଏହାକୁ ସମସ୍ତେ ମାନିଛନ୍ତି ବା ମାନୁଛନ୍ତି । ଏବେ ପ୍ରଶ୍ନ ଉଠୁଛି ଏହି ସରକାରୀ ରୋଗକୁ କେମିତି ଆୟତ୍ତକୁ ଆଣି ହେବ? ଆଜି ଦେଖନ୍ତୁ ଖବର କାଗଜ ଖୋଲି ଦେବେ ଦୁଇ ଦୁଇଟି ବଡ଼ ବଡ଼ ସରକାରୀ ଅଫିସର ଭିଜିଲାନ୍ସ ଦ୍ୱାରା ଧରା ପଡ଼ିଛନ୍ତି ଏବଂ ଯାହା ଏ ପର୍ଯ୍ୟନ୍ତ ବାହାରିଛି ଦୁଇ ଜଣଙ୍କର ଅମାପ ସମ୍ପତ୍ତି । ସାଧାରଣ ଜନତାଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ ପରେ ଜଣେ ଅଫିସର କେମିତି ହାର୍ଡ କେସ୍ ଏକ କୋଟିରୁ ବେଶି ରଖିଥିଲେ । ତାଙ୍କର କଣ ଘର ଲୋକ କେହି ଜାଣି ନଥିଲେ ନା ଜାଣିଶୁଣି ଚୁପ୍ ଚାପ୍ ରହିଥିଲେ? ଏହି ସବୁ ପଦବିରେ ରହିଛନ୍ତି ନିଶ୍ଚିତ ତାଙ୍କର ପିଲାମାନେ ସବୁ ବଡ଼ ବଡ଼ ହୋଇ ଯାଇଥିବେ ଏବଂ ନିଶ୍ଚିତ ଉଚ୍ଚ ଶିକ୍ଷିତ ମଧ । ଏମାନେ ମଧ ଟେର ପାଇ ପାରି ନାହାନ୍ତି ନା ବାପାଙ୍କ ଦୁଇ ନମ୍ବରୀ ଟଙ୍କାକୁ ନେଇ ଆନନ୍ଦ ଉପଭୋଗ କରୁଥିଲେ? ପିଲାମାନେ, ବାପାଙ୍କୁ ଆଉ ଆଦର୍ଶ କରି ରଖିବେ କି? କିଛିଦିନ ପରେ ଜେଲ ଯିବେ ଏହାପରେ ସ୍ତ୍ରୀ, ପିଲାମାନେ ନିଜର ପରିଚୟ ଦେଇ ପାରିବେ କି? ମୁଣ୍ଡ ଟେକି ଚାଲି ପାରିବେ କି? ସତରେ ଦେଖିବାକୁ ଗଲେ ପିଲାମାନଙ୍କର ଦୋଷ କେଉଁଠି ରହିଲା? ଏହି ଖବରକୁ ଦେଖିଲା ପରେ ଅନ୍ୟ ସରକାରୀ ଅଫିସର ମାନେ ଭ୍ରଷ୍ଟାଚାରରୁ ନିଜକୁ ଦୂରେଇ ରଖିବେ କି? ପିଲାମାନଙ୍କର ଭବିଷ୍ୟ ପାଇଁ ଅନ୍ତତଃ ଚିନ୍ତା କରିବା ଉଚିତ ନୁହଁ କି? ସମାଜ ସହିତ ବନ୍ଧୁବାନ୍ଧବ ଏବଂ ସମ୍ପର୍କୀୟମାନଙ୍କ ସହିତ ଯେଉଁ ଢଙ୍ଗରେ ଚଳି ଆସୁଥିଲେ ଏବେ ସେମିତି କହି ପାରିବେ କି? ନିଜର ଭବିଷ୍ୟତ ସହିତ ଘରର ଇଜ୍ଜତ୍, ପିଲାମାନଙ୍କର ଭବିଷ୍ୟତ ନଷ୍ଟ କରିବା ଠିକ୍ କି? ଏହି ଭ୍ରଷ୍ଟାଚାରୀ ସରକାରୀ ଅଫିସରମାନଙ୍କୁ ଭ୍ରଷ୍ଟାଚାରରେ ଲିପ୍ତ ଥିବା ମନ୍ତ୍ରୀ ସଚିବ ମାନେ ହିଁ ଏ ପର୍ଯ୍ୟନ୍ତ ମଦତ୍ ଯୋଗାଇ ଆସିଛନ୍ତି, କିନ୍ତୁ ଜେଲରେ ରହିଲା ପରେ, ସବୁ ଟଙ୍କା ଏବଂ ସମ୍ପତ୍ତି ବାଜ୍ୟାପ୍ତ ହେଲାପରେ ଏହି ମନ୍ତ୍ରୀ ବା ସଚୀବ ମାନେ ସ୍ତ୍ରୀ, ପିଲାଛୁଆଙ୍କ କଥା ଛୁଟିବେ କି? ପରିଚୟ ଅଛି ବୋଲି କେହି କହିବେ ନାହିଁ, ମୂଳରୁ ସାବଧାନ ହେବା ଦରକାର ।



## ନିତି ଦେଖୁଛି ମୁଁ ତାକୁ

### କୁନା ସେଠୀ



ତୁମେ ଖୋଜୁଅଛ ଭୋକର ଭୂଗୋଳ
ନିତି ଭେଟୁଛି ମୁଁ ତାକୁ
ପଖାଳ କଂସାରେ
ଭାତ ବିନା ତୁଚ୍ଛ ତୋରାଣୀରେ
ଅବା ମୋ ଶିରାଳ ହାତରେ
କିବା ସେ ଚିରା ପଣତରେ......

ତୁମେ ଖୋଜୁଅଛ ଭଲ ମଣିଷଙ୍କୁ
ନିତି ଭେଟୁଛି ମୁଁ ତାକୁ
ସେବା ଦେଇଦେଇ
ନିଜସ୍ୱ ହରାଇ
ନିସ୍ୱାର୍ଥ ନାଆଁରେ
ସବୁ ଦାନ ଦେଇ
ଆଜି ସେ ନିଃସ୍ୱ
ଜୀବନ ତା କଟେ
ବୃଦ୍ଧାଶ୍ରମେ ........।

ତୁମେ ଖୋଜୁଅଛ ଭଗବାନଙ୍କୁ
ନିତି ମୁଁ ଭେଟେ ତାଙ୍କୁ
ଈଶ୍ୱର ସେ ମୋ ପାଇଁ
ତୁମ ପାଇଁ
ସମସ୍ତଙ୍କ ପାଇଁ
କାରଣ ଈଶ୍ୱରଙ୍କ ପରି
ଜଗିଥାନ୍ତି ମୋ ସୁଖରେ ଦୁଃଖରେ
ମୋ ହାନିରେ ଲାଭରେ
ଆଉ ମାଗି ନ ଥାନ୍ତି ପୂଜା ଦ୍ରବ୍ୟ
ଚାହିଁ ନ ଥାନ୍ତି ମନ୍ତ୍ର ତନ୍ତ୍ର
ଖାଲି ଟିକେ ଆଶ୍ୱାସନା
କିନ୍ତୁ ତାହା ବି ତାଙ୍କ ଭାଗରେ ନ
ଥାଏ ।

ତୁମେ ଖୋଜୁଅଛ ରାବଣ କଂସଙ୍କୁ
ନିତି ମୁଁ ଭେଟୁଛି ତାଙ୍କୁ
ସମସ୍ତଙ୍କ ଠାରୁ ଶିକ୍ଷିତ ବୋଲାଇ
ଚାଲାଗି ବୋଲାଇ
ଲୁଟୁଛନ୍ତି,
ହୃଦୟର ସୀତାଙ୍କୁ
ମାରୁଛନ୍ତି ଭଣଜା ରୂପୀ
ମନକୁ
ଆଉ ନିଜ ବୀର ପଣ ଦେଖାଇ
ବାହାବାହା ନେଉଛନ୍ତି
ଅସୁର ରାଇଜେ
ରାମ କିନ୍ତୁ ନିରବ
ହନୁମାନ ଚୁପଚାପ
ଲକ୍ଷ୍ମଣ ଚିର ନିଦ୍ରାରେ
କୃଷ୍ଣ ମଧ ଅଗାଧ ଜଳରେ
ଅବା ସିଂହାସନ ରେ
ଅଜଣା ଅଶୁଣା ଅଚିହ୍ନା....।

ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ

## ମନେପଡ଼େ ପିଲାଦିନ

### ରମାକାନ୍ତ ଦାସ



ମନେପଡ଼େ ମୋର ସେହି ସୁନ୍ଦର
ପିଲାଦିନ
ଗାଁ ଚାଟଶାଳି ସାଙ୍ଗସାଥୀ ମେଳ
ମନେପଡେ ମୋ ଗାଁର ମନୋହରା
ଛବି
ପୁନେଇଁ ଜହ୍ନରେ ବାଗୁଡ଼ି ଖେଳ ।

ମନେପଡେ ମୋର କାଗଜର ଡଙ୍ଗା
ସାଙ୍ଗସାଥି ମାନ ଅଭିମାନ
ମନେପଡେ ଶ୍ରାବଣର ବର୍ଷାପାଣି
ସେଇ ଅଭୁଲା ପିଲାଦିନ ।

ମନେପଡେ ସେଇ ବୋହୁଚୋରି ଖେଳ
ବରଗଛ ଡ଼ାଳେ ଦୋଳି
ମନେପଡେ ବାପାଙ୍କର ତାଗିଦ୍
ମାଆ ହାତ ମାଡ ଗାଳି ।

ମନେପଡେ ମୋର ସେ ପୁରୁଣା ସ୍ମୃତି
ସେଇ ଅଭୁଲା ସମୟ
ମନେପଡେ ମାଆ ହାତରନ୍ଧା
ଶୀତ ସକାଳର ବିଦ୍ୟାଳୟ ।

ମନେପଡେ ଶିକ୍ଷକଙ୍କର ବେତଛାଟ
ବାପାଙ୍କ ଆକଟ ଗାଳି
ମନେପଡେ ରଜଦୋଳି, ଫଗୁଖେଳ
ଭାଇ ଭଉଣୀର ମିଛକଳି ।

ମନେପଡେ ମାଟି ସିଲଟ,ଚକ୍ ଖଡିରୁ
କାଗଜ କଲମ ଯାତ୍ରା
ମନେପଡେ ଆଇମାଆର କାହାଣୀ
ବର୍ଣ୍ଣବୋଧ ବହି ଯୁକ୍ତାକ୍ଷର ମାତ୍ରା ।

ମନେପଡେ ଗାଁ ଯାନି ଯାତରା
ନିତି ନୂଆ ନୂଆ ସପନ
ମନେପଡେ ନିତି ବାଲିଘର ଖେଳ
ସେଇ ଅତୀତର ପିଲାଦିନ ।

ବୟସ ତଟିନୀ ଯାଉଛି ବହି
ହଜିଯାଇଛି ମୋ ପିଲାଦିନ
ସମୟ ଧୂଳିରେ ସ୍ମୃତିକୁ ଝୁରୁଛି
ମୋର ଏ ଅବୁଝା ମନ ।

ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର
ମୋ - ୯୬୬୮୮୧୫୩୬୯

## ବାରମ୍ବାର ବିଚ୍ଛେଦ

### ଦିପ୍ତିମୟୀ ପଣ୍ଡା

ସଜ ଗୋଲାପ ବି ଆଜି
ମଉଳ ହେଇଛି
ସବୁ ସ୍ମୃତି କଣ୍ଟା ଭଳି ଫୋଡି
ରକ୍ତାକ୍ତ କରି ଦେଉଛି।

ଅସଂଖ୍ୟ ଚେଷ୍ଟା ପରେ ବି
ମନ କୁ ମନେଇ ହେଉନି
ଅବୁଝା ପରା ବୁଝିବା କେବେ
ଶିଖିଛି ଯେ..
ଚଂଚଳାର ବନ୍ଧୁ ହେଇଛି
ଦୁଇ ଧାର ଲୁହ
କଥା ନ ମାନି ବହି ଯାଉଛି
ଆଉ ଭିଜେଇ ଦେଉଛି
ଚିବୁକ ରାଜିକୁ।

ଅତୃପ୍ତ ଆତ୍ମା ଭଳି
ଅଣ୍ଡାଳି ହେଉଛି ପାଇବାକୁ
ଟିକେ ଅଦୃଶ୍ୟ ସ୍ପର୍ଶ
ଉଚ୍ଚାରିତ ପ୍ରତିଟି ଶବ୍ଦ
ଗୁଞ୍ଜରିତ ହେଉଛି କାନ ପାଖେ
ଆଉଥରେ ଶୁଣିବାକୁ ସେଇ
ମଧୁର କଣ୍ଠସ୍ୱର ।

ଭାବନାର ସମୁଦ୍ରରେ ବୁଡିଯାଉଛି
ପହଁରା ଶିଖିନଥିବା ହୃଦୟ
ଲକ୍ଷେ ହଜାର ଢେଉ
କୁଆର ଭଳି ଉଚ୍ଛୁଳି
ଲଙ୍ଘି ଯାଉଛି ସହିବାର ପରିଧି
ବାରମ୍ବାର ବିଚ୍ଛେଦ ଅସହ୍ୟ।

ଗ୍ରାମ/ପୋଷ୍ଟ-ଦେଓଗାଁ
ଜିଲ୍ଲା-ବରଗଡ଼

# ପାହାନ୍ତି ଆକାଶ



ପଦ୍ମାଳୟା ସାମଲ

ରାତି ପାହି ସକାଳ ହେଲାଣି । ଛପିଛପିକା ଅନ୍ଧାରି ଶେଯରୁ ଆଖିମଳି ଉଠି ଆସୁଥିବା ଅଳସ ସକାଳକୁ ଚାହିଁ ଭାରି ଉଦାସ ଲାଗୁଥିଲା ସୁଲତାକୁ । ଟିକେ ପରେ ପୂରା ଫର୍ଚ୍ଚା ହୋଇଯିବ । ଝରକା ପାଖକୁ ଲାଗି ଆସିଲା ସୁଲତା । ହାତ ବଢ଼େଇ ମୁକୁଳା କରିଦେଲା ଝରକା ସବୁ । କଅଁଳ ପବନ ଖେଳିଗଲା ଘରସାରା । ଉଡ଼ିଗଲା ତା କେଶଗୁଚ୍ଛ ଏଣେତେଣେ । ଆଖିରେ ଏବେବି ଲାଗି ରହିଛି ଗତ କାଲିର ନିଦ । ସେ ସାରାରାତି କାନ୍ଦିଛି । ସାହିପଡିଶାଙ୍କର ଚାପା ଗୁଞ୍ଜରଣ ଓ ଟାହିଟାପରା ତାକୁ କାଲି ଅସହ୍ୟ କରିଛି । ପତି ରମେଶଙ୍କର ହାଇଦ୍ରାବାଦରେ ଏକ ତରୁଣୀ ସହ ରାତ୍ରୀ ଯାପନ ସମ୍ବାଦଟା କାଲି ଏ ଅଞ୍ଚଳରେ ଚର୍ଚ୍ଚାର ବିଷୟବସ୍ତୁ ଥିଲା । ଭାରାକ୍ରାନ୍ତ ମନ ନେଇ ଖୁବ ସମୟ ଏକାକୀ ବସିଥିଲା ସୁଲତା । କେବେବି ନିଜକୁ ସେ ରମେଶଙ୍କଠୁ ଅଲଗା କରିନି । ଏଇଠି କିଛି ଦିନ ହେଲା ହଠାତ ତାଙ୍କ ପ୍ରକୃତିର ବିରୁଦ୍ଧାଚରଣ ପରି ସେ ଗମ୍ଭୀର ହୋଇ ଉଠିଲେ । ସବୁବେଳେ ଅନ୍ୟମନସ୍କ ତଥା ବିନା କାରଣରେ ପାଟି କରିବାକୁ ଆରମ୍ଭ କଲେ । ଯଥେଷ୍ଟ ସତର୍କତା ସତ୍ୱେ କେମିତି ଏକ କରୁଣ ଉଦାସୀନତା ଫୁଟି ଉଠୁଥିଲା ତାଙ୍କ ମୁହଁରେ । ସୁଲତା ଜାଣେ ଯେ କୌଣସି ଲୋକ ତାର ଦୁର୍ବଳତାକୁ ଘୋଡ଼େଇବାକୁ ଏକ ମିଥ୍ୟା ଆବରଣ ଖୋଜେ । ଆଉ ରମେଶଙ୍କ ଅବିଚଳିତ ଭାବ ହିଁ ତାଙ୍କ ଦୁର୍ବଳତା, ସେ ବୁଝିପାରୁଥିଲା । ହେଲେ କାହିଁକି ସେ ଆକଟ କଲାନି ତାଙ୍କୁ !

ଝରକା ବାଟଦେଇ ବିଛଣା ଉପରେ ଛାଇଛାଇକା ଖରା । ଧୀରେ ଧୀରେ ହଲୁଛି ତା ଜୀବନର ଅମୂଲ୍ୟ ମୁହୂର୍ତ୍ତମାନଙ୍କ ପରି । ସତରେ କଣ ହୁଗୁଳା ହୋଇଯାଇଛି ତା ସହ ରମେଶଙ୍କ ମନର ବନ୍ଧନ । ବର୍ଷ ବର୍ଷ ଧରି ବାର ବର୍ଷ କଟେଇଚି ସେ ତାଙ୍କ ସଙ୍ଗେ । ଦୁନିଆକୁ ଚାହିଁଛି ତାଙ୍କ ଆଖିରେ, ନିଜର ରୁଚିକୁ ଗଢିଛି ତାଙ୍କ ଅଭିରୁଚି ଅନୁସାରେ । ତଥାପି ବାନ୍ଧିପାରିନି ତାଙ୍କ ହୃଦୟକୁ । ମେଘ ଘୋଟି ଆସିଲା ଆଖିରେ । ଉଦଗତ ଲୁହକୁ ଢ଼ୋକି ଉଠି ଠିଆ ହେଲା ସୁଲତା । କାନ ଡେରିଲା ଲୁହାଗେଟର କଟକଟ ଶବ୍ଦକୁ । ପରେ ପରେ କଲିଂବେଲ ବାଜିଉଠିଲା । କାମବାଲି ଆସିଥିବ ଭାବି ବାଲକୋନି ପଟେ ତଳକୁ ଚାହିଁଲା । ଗେଟ୍‌ଟା ଅଧା ଖୋଲା ଥିଲା । ଅଥଚ କେହି ଦେଖାଯାଉନଥିଲେ । ଡ୍ରଇଂରୁମର କାଚ କବାଟ ସେପଟେ ଜଣେ ସ୍ତ୍ରୀ ଲୋକର ଛାଇ ଦେଖାଯାଉଥିଲା ।

ଏତେ ସକାଳୁ କିଏ ହୋଇପାରେ ! କବାଟଟା ଖୋଲିଦେଇ ପ୍ରଶ୍ନଳ ଦୃଷ୍ଟିରେ ଚାହିଁ ରହିଲା ତାଙ୍କୁ । ଉଗ୍ର ଆଧୁନିକତାର ଝଲମଲ ଚେହେରା । ବାଳର ରଙ୍ଗ ସହ ଦେହରଙ୍ଗ ପାଖାପାଖି । 'ଏଇଟା ରମେଶଙ୍କ ଘର, ଆପଣ ତାଙ୍କର କଣ ହୁଅନ୍ତି । ଆଜି ସେ ଅଛନ୍ତି କି ନାହିଁ ? ଏମିତି ଅନେକ ପ୍ରଶ୍ନ ଫୋପାଡ଼ି ଚାଲିଥିଲେ ଭଦ୍ର ମହିଳା । ରମେଶଙ୍କ କେହି ପରିଚିତ ହୋଇଥିବ ଭାବି ନମସ୍କାରଟିଏ ଜଣେଇ ଭିତରକୁ ଆସିବାକୁ ସଂଭ୍ରମ ନିମନ୍ତ୍ରଣ କଲା ସୁଲତା । ହାଇହିଲ୍ ଜୋତାକୁ ଠକ୍ ଠକ୍ କରି ପାହାଚ ବାଟ ଦେଇ ଭିତରକୁ ପଶିଆସିଲେ ଭଦ୍ର ମହିଳା । ଚାରିଆଡକୁ ଇତସ୍ତତଃ ଦୃଷ୍ଟି ଫିଙ୍ଗି ଦୁମକି ବସିପଡିଲେ ସୋଫା ଉପରେ ଏକ ଅପ୍ରତ୍ୟାଶିତ ପ୍ରଶ୍ନ ଅଜାଡି ଦେଇ - 'ଏଇଟା ରମେଶଙ୍କ ନିଜ ଘର ତ, ଘରେ ଆଉ କିଏ ଅଛନ୍ତି ?' ସୁଲତା ଭଦ୍ରମହିଳାଙ୍କୁ ଜବାବ୍ ଦେଲା, ମୁଁ ମିସେସ୍ ରମେଶ, ଝିଅ ସହ ମୁଁ ଏ ଘରେ ରହେ । ଏତକ କହିଦେଇ ଶଙ୍କିତ ଦୃଷ୍ଟିରେ ଚାହିଁଲା ସୁଲତା । ଭଦ୍ର ମହିଳା କମ୍ପିଉଠିଲେ, ରମେଶ ବର୍ତ୍ତମାନ କୋଉଠି, ମାନେ ଆଜି କୋଉଠି ? ସେ ନାହାନ୍ତି, ତିନିଦିନ ହେବ ସେ ଟୁରରେ ଯାଇଛନ୍ତି ବୋଲି ସଂକ୍ଷିପ୍ତ ଉତ୍ତର ଦେଲା ସୁଲତା । ତା'ପରେ ଭଦ୍ରମହିଳାଙ୍କ ବିସ୍ଫୋରକ ବାକ୍ୟବାଣ,'ମୁଁ ଏଠି ଆପଣଙ୍କ ଘରକୁ ଅତିଥି ହୋଇ ଆସିନି ବରଂ ଆସିଛି ଆପଣଙ୍କ ଜୀବନ ନାଟକର ଏକ ବିକଳାଙ୍ଗ ଚରିତ୍ରର ମୁହଁରୁ ମୁଖା ଉଠାଇ ଆପଣଙ୍କୁ ପରିଚୟ କରେଇ ଦେବାକୁ । ତାହେଲେ ସେ କାହା ବିଷୟରେ କହିବାକୁ ଚାହିଁଛନ୍ତି ! ଠିଆ ହୋଇପଡ଼ିଲା ସୁଲତା ବିଚଳିତ ଭାବରେ । କଣ୍ଠରୁଦ୍ଧ ଅନୁନୟ ତାର 'କୁହନ୍ତୁ କଣ କହିବାକୁ ଚାହୁଁଛନ୍ତି' ।

ଭଦ୍ରମହିଳାଙ୍କ କଣ୍ଠର ବଜ୍ରପାତ, 'ମୋ ଝିଅ ମନରେ ରମେଶ ଯେଉଁ ଭଲପାଇବାର ବୀଜ ବୁଣି ତାର ସର୍ବସ୍ୱ ଲୁଟିନେଲେ ତାହାର ଉଚିତ ନ୍ୟାୟ ଆପଣ ଦେବେ । ଅନ୍ୟଥା ଆପଣଙ୍କୁ ବହୁମୂଲ୍ୟ ଦେବାକୁ ପଡିବ । ମାନେ ? ? ରମେଶଙ୍କ ଦ୍ୱିତୀୟ ସ୍ତ୍ରୀ ହୋଇ ରହିବାକୁ ଯଦି ମୋ ଝିଅ ମତ ରଖେ ତେବେ ମୋର ବି କିଛି ବ୍ୟକ୍ତିଗତ ମତ ନାହିଁ ସେ ବିଷୟରେ । ଭଦ୍ରମହିଳାଙ୍କର ଏ ଦୁଇପଦ କଥା ସୁଲତା ମନ ମନ୍ଦିରକୁ ଭାଙ୍ଗିଦେବାକୁ ଯଥେଷ୍ଟ ଥିଲା । ଭଦ୍ରମହିଳା ବାହାରିଗଲେ ଧୂଳିଝଡ଼ ପରି ଯେମିତି ଆସିଥିଲେ ସେମିତି, ହେଲେ ଦେଇଗଲେ କୁଢ଼ କୁଢ଼ ଶୂନ୍ୟତା । ଓଃ ଏ କେମିତି ସମ୍ଭବ ! ରମେଶଙ୍କ ପରି ଜଣେ ବ୍ୟକ୍ତିତ୍ୱକୁ ଏମିତି କଣ କେହି କାଳିମାମୟ କରିଦେଇପାରେ ! ଏଇଟା ନିଶ୍ଚେ ସେମାନଙ୍କର କୁଚକ୍ରାନ୍ତ । ମତେ ଯେମିତି ହେଲେ ମା ଝିଅଙ୍କ ଚକ୍ରାନ୍ତରୁ ରମେଶଙ୍କୁ ମୁକୁଳେଇବାକୁ ପଡିବ । ଭାବିଲା ଏହା ରମେଶଙ୍କ ଅପରିଣାମଦର୍ଶିତାର ପରିଣାମ ବ୍ୟତୀତ ଆଉ କଣ ହୋଇପାରେ ।

ଭଦ୍ରମହିଳା କେତେବେଳୁ ଚାଲିଗଲେଣି । ମନେପଡ଼ିଗଲା ସୁଲତାର ବାର ବର୍ଷ ତଳର କଥା । ଶାଶୁ ତାକୁ ବନ୍ଦାପନା କରି ପ୍ରଥମେ ଏଇ ଘରେ ଆଶୀର୍ବାଦ ଦେଇଥିଲେ । ଜଗନ୍ନାଥଙ୍କ ଚରଣରେ ମଥାରଖି ସେ ପ୍ରତିଜ୍ଞା କରିଥିଲା ଏ ଘର ପାଇଁ ତା ଜୀବନ ଏ ଜନ୍ମ ପାଇଁ ବନ୍ଧା । ସେଦିନୁ ଜଗିବସିଛି ଏ ଘରର ମର୍ଯ୍ୟାଦାକୁ । ଆଜି ଏତେ ବଡ଼ ଘଟଣା ଘଟିବା ପରେ ମଧ ଏ ଘରକୁ ଛାଡି ଯାଇପାରୁନି । ପ୍ରଗାଢ଼ ବିଶ୍ୱାସରେ ଚାହିଁଥିଲା ଜଗନ୍ନାଥଙ୍କ ଫଟୋକୁ । ଓଠରେ ଲୁଣି ପାଣିର ସ୍ୱାଦ । ସମୁଦ୍ରର ନୁହେଁ, ତା ନିଜ ଲୁହର । ଦୀର୍ଘ ନିଶ୍ୱାସଟିଏ ବାହାରିଗଲା ଛାତି ଥରେଇ । ହେଲେ ଏବେ ବି ମିଳେଇ ଯାଇନି ବିଶ୍ୱାସ, ଯାହାର ଆଧାର ଉପରେ ଏତେ ବଡ଼ ସୃଷ୍ଟି ଆଧାରିତ । କିଛିଦିନ ପୂର୍ବର ବାତାବରଣ ଆଉ ଆଜିର ପରିବେଶ କେତେ ଭିନ୍ନ ସତେ । ଶାଶୁ, ଶ୍ୱଶୁର ଥିଲା ପର୍ଯ୍ୟନ୍ତ ସେ ନୂଆବୋହୂ ହୋଇ ରହିଥିଲା । ଝିଅର ପାଠପଢା ବ୍ୟତୀତ କୌଣସି ଦାୟିତ୍ୱ ତାକୁ ଦେଇନଥିଲେ ସେମାନେ । ସେଥିପାଇଁ ପ୍ରଚୁର ସମୟ ପାଇଛି ରମେଶଙ୍କ ନିକଟତର ହେବାକୁ । ସରଳ ନିଷ୍କପଟ ହୃଦୟ ବ୍ୟତୀତ ଏକ ଦରଦୀ ଆତ୍ମାର ଅଧିକାରୀ ଅଟନ୍ତି ରମେଶ । ବାପା ମା'ଙ୍କ ଅତ୍ୟଧିକ ସ୍ନେହ ଏବଂ ସୁଲତାର ସମ୍ପୂର୍ଣ୍ଣ ସ୍ୱଭାବ ପାଖରେ ସେ ବାନ୍ଧି ହୋଇ ଯାଇଥିଲେ । ବାପା ମା 'ଙ୍କ ମୃତ୍ୟୁ ପରେ ଶୃଙ୍ଖଳ ହୁଏତ ଟିକେ ଢିଲା ହୋଇ ଯାଇଥିଲା । ସେଥିପାଇଁ କଣ ସେ ଏମିତି କରିବସିଲେ । ନା ' ସମସ୍ତେ କୁହନ୍ତି ସୁଖ କ୍ଷଣସ୍ଥାୟୀ, ତା ଜୀବନର ସୁଖର ମୁହାଣରେ କେତେବେଳେ ଦୁଃଖର ଜାହାଜଟିଏ ଲଙ୍ଗର ପକେଇଛି ସେ ଜାଣିପାରିନି । ସ୍ମୃତିର ତରଙ୍ଗ ଆଘାତରେ କ୍ଷତାକ୍ତ ହୋଇ ଉଠୁଥିଲା ସୁଲତା । ସନ୍ଧ୍ୟା ହୋଇଆସିଲାଣି । ମୌନତାକୁ ଖଣ୍ଡ ଖଣ୍ଡ କରି ଟେଲିଫୋନଟା ବାଜି ଉଠିଲା । ସୁଲତା ପ୍ରକୃତିସ୍ଥ ହେଲା । ରିସିଭର ଉଠେଇ ହ୍ୟାଲୋ କହିବା ବେଳକୁ ସେପଟୁ ରମେଶଙ୍କ ଆତୁର କଣ୍ଠସ୍ୱର, 'ମୁଁ ଭୁଲ କରି ବସିଛି । ତୁମ ପ୍ରତି ଅନ୍ୟାୟ କରିଛି ।' ରମେଶଙ୍କ ଉଦାସ କଣ୍ଠସ୍ୱର ଯେମିତି ଅନୁତାପରେ ଥରୁଥିଲା । ଗୋଟାପଣେ ଥରୁଥିଲା ସୁଲତା ଅଭିମାନର ଉତ୍ତେଜନାରେ, କଇଁ କଇଁ ହୋଇ କାନ୍ଦୁଥିଲା ଦିଗବଳୟର ଏପଟେ । ସେପଟେ ନିଶଚୁପ ଆକାଶ । ବତୁରି ଯାଇଥିଲା ସମୟ । କେତେବେଳେ ଫୋନ ରଖିଦେଇଛି ସେ । ସତ୍ୟତା ନଥିଲେ ଶ୍ରୁତି ନଥାଏ, ହେଲେ ଏ କ୍ଷେତ୍ରରେ ସତ୍ୟତାର ପରିମାଣ ମାପି ପାରିବନି କିମ୍ବା ମାପିବାକୁ ଉଦ୍ୟମ କରିବା ହିଁ ନିଜର ତଥା ପରିବାରର ନାଁକୁ ପଦାରେ ପକାଇବାକୁ ହେବ । ତେଣୁ ମନକୁ ବୁଝେଇ ରମେଶଙ୍କୁ ଅପେକ୍ଷା କରିବା ହିଁ ଶେଷ ଉପାୟ ।

ପରଦିନ ସକାଳ ତାର ବାଂଛିତ ସକାଳ । ପହଞ୍ଚିଥିଲେ ରମେଶ । ବ୍ୟର୍ଥତା ଆଉ ବିଫଳତାର ଭଙ୍ଗା ମୂର୍ତ୍ତିଟିଏ ପରି କ୍ଲାନ୍ତ ଦେହ ନେଇ ବସି ରହିଥିଲେ ସୋଫା ଉପରେ । ଅପମାନ ଜର୍ଜରିତ ମୁହଁ ଉପରେ ଯନ୍ତ୍ରଣାର କୁଞ୍ଚିତ ରେଖା ସ୍ପଷ୍ଟ ଦେଖାଯାଉଥିଲା । ଚା କପଟିଏ ଧରି ଛିଡା ହେଲା ସୁଲତା । ଚା କପ ନେଇ ଦୁଇ ତିନି ସୁଡୁକାରେ ଶେଷ କରି ଦେଲେ ରମେଶ । ବହୁତ ସମୟଯାକେ ବସି ରହିଥିଲେ ସେ ସେଇ ଗୋଟିଏ ଜାଗାରେ । ଦିନ ସାରା ଅନ୍ଧାରି ଶେଯରେ ନିଜକୁ ଲୁଚେଇ ରଖିଲେ । ସେଇ ଅନ୍ଧାରକୁ ସାହାରା କରି ଠିଆ ହେଲା ସୁଲତା ଖଟକୁ ଆଉଜି । ପାଦ ଶବ୍ଦ ଶୁଣି ଧୀରେ କଡ଼ ଲେଉଟାଇଲେ ରମେଶ । ଭାଙ୍ଗି ପଡିଥିଲା ସୁଲତା ରୁଦ୍ଧ କଣ୍ଠରେ, 'ସତ କୁହ, ବାର ବର୍ଷର ଦାମ୍ପତ୍ୟର ନିଷ୍ପାପର ସମର୍ପଣ ଭିତରେ ମୋର କୋଉଠି ଭୁଲ୍ ରହିଲା ରମେଶ ? ତୁମେ ଯଦି ମତେ ତୁମ ଜୀବନର ଏଇ କଳଙ୍କମୟ ଅଧ୍ୟାୟର ଆରମ୍ଭ ବିଷୟରେ ସମ୍ୟକ ସୂଚନା ଦେଇଥାଆନ୍ତ, ହୁଏତ ଏମିତି ଦୁର୍ବିସହ ଜୀବନ ଦେଖିବା ପୂର୍ବରୁ ମୁଁ ତାର ପ୍ରତିକାର ଚିନ୍ତା କରିଥାଆନ୍ତି । ତୁମ ସୁଲତା ଖାଲି ଜହ୍ନ ଆକାଶରେ ସ୍ୱଚ୍ଛତାକୁ ନିଜର କରିନି, ଅମାବାସ୍ୟାର ଅନ୍ଧାରକୁ ବି ସାମ୍ନା କରିବାକୁ ସାମର୍ଥ୍ୟ ରଖିଛି । ଝିଅର ତୁମ ପ୍ରତି ଅଜସ୍ର ସମ୍ମାନର ମହତ୍ତ୍ୱ ବୁଝ । ତା ଜୀବନର ଆରମ୍ଭ ଯଦି ଏମିତି ହୁଏ ତେବେ ଭବିଷ୍ୟତକୁ କେମିତି ସ୍ୱାଗତ କରିବ ସେ । ତୁମ କଷ୍ଟଲବ୍ଧ ପ୍ରତିଷ୍ଠାକୁ ଭୁଲିଯାଅନି । ନୂଆ ଗଢିଉଠିଥିବା ସମ୍ପର୍କରେ ଯଦି ତୁମର କ୍ଷଣକ ପାଇଁ ଭୁଲ୍ ହୋଇଥାଏ, ତେବେ ତାକୁ ଭୁଲିଯାଅ ରମେଶ । ତୁମ ଉଚ୍ଚ ପଦବୀ, ତୁମ ଷ୍ଟାଟସର ମୋହରେ ପାଗଳ ସେଇ କୋଡିଏ ବର୍ଷର ଝିଅଟା ତୁମ ଦୁଃଖ ସୁଖକୁ ନିଜର କରି ଶେଷ ପର୍ଯ୍ୟନ୍ତ ତୁମ ସହ ରହିପାରିବ ବୋଲି ତୁମେ ଭାବୁଛ ? ଲୁହରେ ଧୋଇ ଦେଇଥିଲା ତା ପ୍ରଶ୍ନ ସୁଲତା । ଦୋହଲି ଉଠିଥିଲା ରମେଶଙ୍କ ଅମ୍ଭା ତା'ର କୋମଳ ଧକ୍କାରରେ । ଅନୁଶୋଚନାର ଯନ୍ତ୍ରଣାକୁ ଅନୁଭବ କରି ପାଟି ଖୋଲିଲେ ରମେଶ, ମୁଁ ଭୁଲ କରିଛି ତାହା ମୁଁ ସ୍ୱୀକାର କରୁଛି । କୌଣସି ଏକ ଦୁର୍ବଳ ମୁହୂର୍ତ୍ତର ବଶବର୍ତ୍ତୀ ହୋଇ ମୁଁ ଏମିତି କରିବସିଲି । ସେ ଝିଅ ବିଛେଇଥିବା ମାୟା ଜାଲକୁ ମୁଁ ବୁଝିପାରିଲିନି । ମୋ ଦୁର୍ବଳ ମୁହୂର୍ତ୍ତର ଫଟୋକୁ ତା ମୋବାଇଲରେ ତୋଳି ନେଇ ସେ ମତେ ଏମିତି ବ୍ଲାକମେଲ କରିବ ଏ କଥା ମୁଁ କଳ୍ପନାରେ ମଧ ଭାବି ନ ଥିଲି । ମୋ ଠାରୁ ସେ ଟଙ୍କା ଚାହୁଁଥିଲା ସୁଲତା ଯାହା ମୁଁ ବିଳମ୍ବରେ ହେଜିଲି । କେବଳ ମୁଁ ନୁହେଁ ମୋ ପରି ଅନେକ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ସେମାନଙ୍କର ମାୟାଜାଲରେ ଫସେଇ ତଳିତଳାନ୍ତ କରୁଛନ୍ତି ଯାହା ମୁଁ ଡେରିରେ ଜାଣିଲି । ତୁମେ ବ୍ୟସ୍ତ ହୁଅନି, ସେ ମା ଝିଅ ବସେଇଥିବା ମାୟା ଜାଲରୁ ମୁଁ ବର୍ତ୍ତିଯାଇଛି । -ଆଉ ସେ ଝିଅର ମା' ? ତାଙ୍କ ମନ୍ଦ ଉଦେଶ୍ୟରେ ତ ସେ ସଫଳ ହେଲେ । ତାଙ୍କର ଯାହା ଦରକାର ଥିଲା ତାହା ତ ତାଙ୍କୁ ମିଳିଗଲା । ମା' ଝିଅଙ୍କର ସେ ହୀନ ଚକ୍ରାନ୍ତରୁ ମୁଁ ଅଳ୍ପକେ ଖସି ଆସିଛି, ସୁଲତା । ଯାହା ଘଟିବାର ଥିଲା ଘଟିଗଲା, ତାକୁ ଚିନ୍ତା କରି ନିଜକୁ ଆଉ ଅଧିକ କଷ୍ଟ ଦିଅନି । ନଚେତ ମୁଁ ନିଜକୁ ବି କ୍ଷମା ଦେଇ ପାରିବିନି ।

ସୁଲତା ଉଠି ଠିଆ ହେଲା । ଅନ୍ଧାରରେ ଅଣ୍ଡାଳି ଅଣ୍ଡାଳି ଲାଇଟ ସୁଇଚ ଅନ୍ କଲା । ବିଜୁଳିବତିର ପ୍ରଜ୍ୱଳତାରେ ଭରିଗଲା ଘର ଭିତରଟା । କବାଟ ପାଖରେ ଠିଆ ହୋଇଛି ଝିଅ 'ଲୋରି' ଚୁପଚାପ୍ । ଦୌଡ଼ି ଆସି କୁଣ୍ଢେଇ ପକାଇଲା ମାମାଙ୍କୁ, ଦୁଃଖି ଅମ୍ଭାର ହୃଦୟରେ ବିଶ୍ୱାସର ମହ୍ଲାର ସୃଷ୍ଟିକରି । ରମେଶଙ୍କ ପାଖକୁ ଯାଇ ଝିଅ କହିଲା, 'ବାବା ମୋର ଆଜି ଜନ୍ମଦିନ, ତମେ ମନେ ରଖିନ' ? ଆଦରରେ ଝିଅକୁ କୋଳେଇନେଲେ ରମେଶ ଅନୁଶୋଚନାର ପ୍ରଗାଢ଼ ଯନ୍ତ୍ରଣା ଭିତରୁ ସତ୍ୟର ଆନନ୍ଦ ଭିତରକୁ ।


+୧୮୦୮/୨୭୫୧, ବାରବାରି,
ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦
ମୋ - ୭୦୦୮୩୪୮୧୭୨


# ନୂଆବର୍ଷ ଉପହାର



ଅନାମିକା ଦାସ



ବିରେନ୍ ଚାଲିଯିବା ପରେ ଏ ବୋଧେ ତିନିବର୍ଷରେ ପ୍ରଥମ କି ମୋ ପୁଅ ମତେ ସରପ୍ରାଇଜ୍ ଗିଫ୍ଟ ଲାଗି ଯୋଜନା କରୁଛି । ଦୁର୍ଘଟଣାରେ ବିରେନ୍ ଚାଲିଯାଇଥିଲେ ଆଉ ମୁଁ ଡାହାଣ ଗୋଡ ଭାଙ୍ଗିବା ଯନ୍ତ୍ରଣା ସହ ଏକୁଟିଆ ବଞ୍ଚିବା କଷ୍ଟ ସହିଚାଲିଛି । ଗୋଟିଏ ବୋଲି ପୁଅ, ସ୍ୱାମୀ ଡାକ୍ତର ଥିଲେ ନିଜର କ୍ଲିନିକ୍ । ମତେ କେବେ ଅଭାବ କି ପୁଅର କଉ ବି ଇଛା ଅପୂରଣୀୟ କରିନଥିଲେ ସେ । ପୁଅ ବୋହୁ ଦୁହେଁ ଚାକିରିଆ, ଏତେ ପାଠ ପଢ଼ି ଆର୍ଥିକ ଭାବେ ଦୃଢ଼ ନ ହେବାଟା କୁଆଡେ ବୋକାମୀ । ସେଥିଲାଗି ଦରକାର ନଥିଲେ ବି ବୋହୁ ଚାକିରୀ କରେ । ଆମର ସହମତି-ଅନୁମତି କିଏ ପଚାରେ ! ବିରେନଙ୍କ ପରେ କ୍ଲିନିକ୍ ବନ୍ଦ, ଉପର ମହଲାରେ ଆମେ ରହୁଥିଲୁ । ହେଲେ ଏମିତି ଛକ ଉପରେ ରହିବାକୁ ନାପସନ୍ଦ କଲେ ପୁଅ ବୋହୁ, ଶେଷରେ ଆମ ଘର ବିକ୍ରି ହେଲା ଆଉ ସୁ ଉଚ୍ଚ ଆପାର୍ଟମେଣ୍ଟର ଅଷ୍ଟମ ମହଲାରେ ଘର କିଣା ହେଲା । ବୋହୁ ପଚାରିଲା ମା' ଘର କେମିତି ଲାଗୁଛି ? ସେ ପୁରୁଣା ଘରଠୁ କେତେ ଭଲ ନା ! ଏଇ ବାଲ୍‌କୋନିରୁ ଅଧା ଭୁବନେଶ୍ୱର ଦେଖି ହେଉଛି, ହେଇ ଦେଖୁନାହାନ୍ତି ତଳେ କେତେ ବଡ ପାର୍କ, ସୁଇମିଙ୍ଗ୍‌ପୁଲ । ବୋହୁର ପିଲା ପିଲି ହେବାର ଥିଲା ତ ମୁଁ ତା ହଁରେ ହଁ ମିଶେଇ କହିଥିଲି ମା'ରେ ଏତେ ଉପରେ ନ ନେଇ ଟିକେ ତଳ ମହଲା ହେଇଥିଲେ ତତେ ସୁବିଧା ହେଇଥାନ୍ତା, ଏ ଅବସ୍ଥାରେ ଲିଫ୍ଟରେ ଯିବା ଆସିବା ଠିକ୍ ନୁହେଁ, ବରଂ ତୁ ଚାକିରି ଛାଡିଦେ, ଆମେ ଶାଶୁ-ବୋହୁ ଘରେ ରହିବା, ଏକୁଟିଆ ମା' ମତେ ଭଲ ଲାଗୁନି । ବୋହୁ ମନ ପିତା କରି କହିଥିଲା ମା' ଏତେ ପାଠ ପଢ଼ି ଘରେ ବସିବି ! ଆଉ ଆପଣ ଦିନ ସାରା ଟିଭି ଦେଖନ୍ତୁ, ବୋର୍ ହେଲେ ତଳକୁ ଯାଇ ବସିବେ । ମୁଁ ତାକୁ ଦେଖୁଥାଏ ଆଉ ପାଖରେ ଥିବା ପୁଅ ମୁହଁକୁ କି ସେ କହିବ ବୋହୁକୁ ମୁଁ ଅପାଠୋଇ ନୁହେଁ, ମୁଁ ମନସ୍ତତ୍ୱରେ ଗୋଲ୍ଡମେଡାଲିଷ୍ଟ, ଆଉ ଏ ବୟସରେ ଭଙ୍ଗା ଗୋଡରେ ମୋ ଲାଗି ପାର୍କ ବୁଲିବା ବି ଅସମ୍ଭବ ପ୍ରାୟ । ହେଲେ ପୁଅର ଉତ୍ତର ଥିଲା ମା' ତୁ ଜମା ଚେଷ୍ଟା ହିଁ କରୁନୁ ଠିକ୍ ହେବାକୁ, ଅନ୍ୟ ଉପରେ ନିର୍ଭର ହେବା ତୋର ଅଭ୍ୟାସ ହେଇଗଲାଣି, ମୁଁ ଚୁପ୍ ବୋହୁର ଝିଅଟେ ହେବା ପରେ ଦୁଇମାସ ଛୁଟିରେ ଥିଲା ତ ସେ ବାପଘରକୁ ଚାଲି ଯାଇଥିଲା । ଆଉ ମୁଁ ମୋ ପୁଅକୁ ତା'ମନ ମୁତାବକ ରୋଷେଇ କରି ଖାଇବାର ଆନନ୍ଦରେ ମୋ ଗୋଡ କଷ୍ଟ ଭୁଲି ଯାଇଥିଲି । ବୋହୁ ନାତୁଣୀ ସହ ଫେରିଲା ପରେ ମତେ ହିଁ ନାତୁଣୀର ଦାୟିତ୍ୱ ଦିଆଗଲା । ପୁଅ ଗୋଟେ ଆୟା ରଖିବାର ପ୍ରସ୍ତାବ ରଖିଥିଲା ମୁଁ କିଛି କହିବା ଆଗରୁ ବୋହୁ ମୋର କହିଥିଲା ନା' ନା' ଜେଜେ ମା' ଯେମିତି ନାତୁଣୀର ଯତ୍ନ ନେବେ କଉ ବି ଆୟା ପାରିବେନି, ଏଟା ମୋ ଲାଗି କିଛି ଆଶ୍ଚର୍ଯ୍ୟକର ନଥିଲା, ରୋଷେୟା ବି ରଖା ହେଇନଥିଲା ଏଇୟା କହିକି ମା' ଯେମିତି ପିଲାଙ୍କ ପାଟି ସ୍ୱାଦ ବୁଝିବ ଆଉ କେହି ବୁଝିବେନି । ଆଉ ମୁଁ ଗୋଡ କଷ୍ଟ ସତ୍ୱେ ଚୁପ୍ ଚାପ୍ ସବୁ ମାନି ନଉଥିଲି । ହଁ ଘର ପୋଛା - ଲୁଗା ସଫା ଲାଗି ଝିଅଟିଏ ଆମେ, ବେଶୀ କଷ୍ଟ ହେଲେ ତାକୁ କୁହେ ମୋ ଗୋଡରେ ଟିକେ ମାଲିସ୍ କରିଦେ । ଏମିତି ଏମିତି ନାତୁଣୀ ତିନିବର୍ଷର ହେଲା । ଏବେ ତା ଲାଗି ସ୍କୁଲ ପସନ୍ଦରେ ପୁଅ-ବୋହୁ ଲାଗିଲେ । ଘର କାମ କରୁଥିବା ଝିଅଟି ନୂଆ ବର୍ଷ, ଦଶହରା ଭେଟି ପାଏ ଆଉ ମୁଁ ଖାଲି ତାକୁ ଆଶିର୍ବାଦ ହିଁ ଦେଇପାରେ । ବିରେନ୍ ଚାକିରି କରି ନଥିଲେ ଯେ ମୁଁ ପେନ୍‌ସନ ପାଇବି ଆଉ କ୍ଲିନିକ୍ ତିଆରି, ପୁଅ ପଢ଼ାର ପ୍ରାଧାନ୍ୟରେ କିଛି ପଲିସି ବି କରିନଥିଲେ ତ ମୋ ହାତ ଖାଲି, ମଝିରେ ମୋ ସହପାଠିନୀର କୋଚିଙ୍ଗ୍ ସେଣ୍ଟରରେ ଅନ୍‌ଲାଇନ୍ ଦିନକୁ ଦୁଇଘଣ୍ଟା ପଢ଼ାଇବା ଅନୁରୋଧକୁ ପୁଅର ଅନୁମୋଦନ ମିଳିନଥିଲା । ମା' ଏ ବୟସରେ ତୋର କିଛି କରିବା ଦରକାର ନାହିଁ, ତୁ ଚଲା ବୁଲା କରେ, ଏମିତି ଘରେ ବସି ରହିଲେ କଉ ଫିଜିଓଥେରାପି ବି ତତେ ଠିକ୍ କରିପାରିବନି । ମୋ ଇଛା, ଖୁସି ସେ ସବୁ ଅର୍ଥହୀନ ହେଇସାରିଥିଲା । ହେଇ ପୁଣି ଗୋଟେ ବର୍ଷ ସରିବ, ନୂଆ ବର୍ଷ ଆସିବ, ଆପାର୍ଟମେଣ୍ଟ ସଜା ସଜି ହେଲାଣି, ଘରେ ବି ନୂଆ ସୋଫା, ପର୍ଦ୍ଦା ଲାଗିଲାଣି । କାମ ବାଲିବି ଭେଟି ପାଇ ଖୁସ୍, ମୁଁ ବାଲ୍‌କୋନିରେ ବସି ତଳକୁ ଦେଖୁଥାଏ । ସେ କାମବାଲି କହିଲା ମା' ବାବୁ-ବାବୁଆଣୀ ତମ ଲାଗି କଣ ଗୋଟେ ସରପ୍ରାଇଜ୍ ଗିଫ୍ଟ ବିଷୟରେ କଥା ହଉଛନ୍ତି । ମୋ ନିରସ ଶରୀରରେ ଟିକେ ପ୍ରାଣ ପଶିଲା ସତେ.... ସତରେ କ'ଣ ତିନିବର୍ଷ ପରେ ମତେ ଉପହାର ମିଳିବ ! ଉପହାରଟା ଯାହା ବି ହେଉ ମୋ ଲାଗି ଭାବିଲେ ସେଟା ବଡ । ଦାଣ୍ଡ କବାଟ ଦେଇ ପୁଅ-ବୋହୁଙ୍କ ରୁମ୍ ଆଡେ ବଢ଼ିଲି, ବୋହୁ କହୁଥିଲା ତମେ ସବୁ ପ୍ୟାକେଜ୍ ମା'ଙ୍କୁ କୁହ ତାଙ୍କ ପସନ୍ଦ ଅନୁସାରେ ଆମେ ପ୍ୟାକେଜ୍ ନେବା । ଖୁସିରେ ମୋ ଆଖି ଛଳ ଛଳ ହେଇ ଯାଉଥାଏ, ପୁଅ ମୋର କହୁଥାଏ ନୂଆ ବର୍ଷ ଆଗରୁ ମା' କଥା ବୁଝିଦେବା, ସେ ଏତେ ତଳ ଉପର ହେଇପାରିବନି କି ଆମ କମ୍ୟୁନିଟି ହଲ୍‌ର ନୂଆବର୍ଷ ପାଳନ ତାକୁ ପସନ୍ଦ ନୁହେଁ, ମୁଁ ଆଉ ଶୁଣିଲିନି ଖୁସିରେ ପାଦ ଦଳେ ଲାଗୁନଥାଏ, ମୋ ରୁମ୍‌ରେ ଖଟରେ ଗଡିପଡିଛି କି ନାତୁଣି ଆସି ଡାକିଲା ଠାକୁମା' ଚାଲ ବୁଲିଯିବା, ପୁଅ ବୋହୁ ବି ତା ପଛେ ପଛେ, ମୁଁ ସବୁଥର ପରି କିଛି ନପଚାରି ଶାଢ଼ିଟେ ଧରି ଗୋଟେ କ୍ୟାମ୍ପସ୍ ଭିତରେ ଓହ୍ଲେଇଲା ବେଳେ ଚାରିଆଡେ ଆଖି ବୁଲେଇ ଦେଖିଲି ଗୋଟେ ରୁମ୍ ଆଗରେ କାର୍ଯ୍ୟାଳୟ ଲେଖା ହେଇଛି, ମନେ ମନେ ଭାବିଲି ପିଲାମାନେ କ'ଣ ମୋର କଉ କମ୍ପ୍ୟୁଟର କ୍ଲାସ କି ଫିଜିଓଥେରାପି ସେଣ୍ଟରରେ ଆଡମିଶନ କରିବେ, ହଁ ମୋର ଭାରି ଇଛା ଥିଲା ଅନ୍ୟମାନଙ୍କ ପରି ଟିକେ କମ୍ପ୍ୟୁଟର ଶିକ୍ଷା କରନ୍ତି ତ ଭିଡିଓ କଲ୍, ଇଣ୍ଟରନେଟ୍‌ରେ ଗୁଡେ ବହି ପଢ଼ି ଦିନ କାଟି ପାରନ୍ତି ବୋଲି, ମୁଁ ଏକଥା ଥରେ ବୋହୁକୁ କହିଥିଲି, ଆଉ ପୁଅକୁ ଗୋଡଟା କଷ୍ଟ କଥା । ତା'ହେଲେ ମୋ ପିଲାମାନେ ମୋତେ ବୁଝିପାରିଛନ୍ତି, ନୂଆବର୍ଷର ସରପ୍ରାଇଜ୍ ପୁଅର ଡାକରେ ମୁଁ ଭିତରକୁ ଗଲି, ପିଲାଟେ ରେଜିଷ୍ଟର ଧରି ବୁଝେଇ ବା ଆରମ୍ଭ କଲା, ଆଜ୍ଞା ଯେହେତୁ ମା' ପେଡ୍ କାଟାଗୋରି ତ ବିଭିନ୍ନ ପ୍ୟାକେଜ୍ ଅଛି, ସିଙ୍ଗିଲ୍ ରୁମ୍ ନା ଡବଲ ବେଡ୍, ଏସି ନା ପଙ୍ଖା, ଟିଭ, ଗିଜର ଆଉ ମନ ମୁତାବକ ଖାଦ୍ୟ । ଆଉ ଅନ୍ୟ ପ୍ୟାକେଜ୍‌ରେ ଟିକେ କମ୍ ଖର୍ଚ୍ଚ ଆଉଟିକେ କମ୍ ସୁବିଧା ଦେଉ ଆମେ । ଆଉ ପ୍ଲାଟିନମ୍ ପ୍ୟାକେଜ୍‌ରେ ଆମେ ଶେଷକୃତ୍ୟ ବି କରୁ, ତାହା ପୁଣି ପୁରୀ ସ୍ୱର୍ଗଦ୍ୱାରରେ । ବୋହୁ ମୋର ପୁଅକୁ କହିଲା ନା' ନା' ମା'ଙ୍କ ଲାଗି ଆମେ ଏ ପ୍ରିମିୟମ ପ୍ୟାକେଜ୍‌ଟା ନବା । ମା'ଙ୍କର ବୟସ କେତେ ଯେ ସେ ସ୍ୱର୍ଗଦ୍ୱାର ପ୍ୟାକେଜ୍, ବେକାରରେ ଟଙ୍କା ବ୍ଲକ ହେଇ ରହିବ । ମୋ ଖୁସି ଛଳ ଛଳ ଆଖି ପଥର ହେଇଚାଲିଥିଲା, ଦେହ ଝିମ୍ ଝିମ୍ ହେଇଯାଉଥିଲା ତା'ହେଲେ ନୂଆବର୍ଷର ଉପହାର ଏ ବୃଦ୍ଧାଶ୍ରମର ଗୋଟେ ପ୍ରିମିୟମ୍ ଅନ୍ତେବାସିନୀ ! ପୁଅ ଟିକେ ଯୋଡିଲା କହିଲା ମା'ର ଗୋଡ ଭଙ୍ଗା ତ ଟିକେ ପାର୍କ ବୁଲା ବୁଲି କରେଇବେ, ସେଥିଲାଗି ଆଉ ଟିକେ କିଛି ଅଧିକା ଖର୍ଚ୍ଚ ଲାଗୁ ପଛେ, କୁନି ନାତୁଣୀଟା ବି ଖଣ୍ଡି ପାଟିରେ କହୁଥିଲା ଠାକୁମା' ନାଲି ଚାହା ପିଅନ୍ତି, ମୋ ଇଛା କେବେ ପଚରା ହେଇନି ତ ଏବେ ବି ହଁ ନାଁରେ ଅପସନ୍ ନଥିଲା, ପୁଅ ମୋ କାନ୍ଧରେ ହାତ ରଖି ଖୁବ୍ ଗର୍ବରେ କହୁଥିଲା ମା' ତୋ ଖୁସି ଲାଗି ଆମେ କିଛି ବି କରିପାରିବୁ, ତୋ ବୋହୁ ବି ଦେଖୁନୁ ସବୁଠୁ ଭଲ ପ୍ୟାକେଜ୍‌ଟା ନେଉଛି । ଏଠି ତୁ ବୋର୍ ହେବୁନି, ଝିଅ ତ ସ୍କୁଲ ଯିବ, ଆମେ ଅଫିସ୍ ତ ଏଠି ତୋ ସମ ବୟସ୍କଙ୍କ ସହ ତତେ ଭଲ ଲାଗିବ । ରାତି ପାହିଲେ ଡିସେମ୍ବର ଶେଷ.... ଘରେ ମୋ ଲଗେଜ୍ ପ୍ୟାକ୍ କରୁଥିଲା ପୁଅ, ବୋହୁ ଲଫାଫାଟେ ହାତରେ ଦେଇ କହିଲା ମା' ଏଇଟା ତମ ପ୍ରିମିୟମ ଅନ୍ତେବାସିନୀର କାର୍ଡଟା.... ଏଥର କାର୍‌ଟା ଭିତରକୁ ଗଲାନି ଗେଟ୍ ପାଖେ ରହିଲା, ହାତରେ ନୂଆବର୍ଷ ଉପହାର ଲଫାଫାଟା ଧରି ଗେଟ୍ ଉପର ମାତୃ ବୃଦ୍ଧାଶ୍ରମ ବୋର୍ଡଟାକୁ ଦେଖୁଥିଲି.... ପୁଅ-ବୋହୁ ମତେ ଭିତରେ ଛାଡି ମୁଣ୍ଡିଆ ମାରିଲା ବେଳେ ମନେ ମନେ କହୁଥିଲି ଏମିତି ନୂଆବର୍ଷ ଉପହାର କଉବି ବାପା ମାଙ୍କୁ ନମିଳୁ..... ।


+ପ୍ରଶାସନିକ ଅଧିକାରୀ
ଭାରତ ସ୍କାଉଟସ୍ ଏବଂ ଗାଇଡସ୍,
ଭୁବନେଶ୍ୱର, ଓଡିଶା
ମୋ- ୭୦୦୮୩୯୬୬୫୪

# ଶ୍ରମିକ ପ୍ରଶିକ୍ଷଣ ନାଁ'ରେ ୨୬୭ କୋଟି ଚଳୁ



ଝାରସୁଗୁଡ଼ା , ୦୫/୦୩ (ନି.ପ୍ର): ଓଡ଼ିଶାର ପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କୁ କୁଶଳୀ କରିବା ପାଇଁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ୨୦୧୬-୧୭ରେ ଶ୍ରମିକ ପ୍ରଶିକ୍ଷଣ ପ୍ରକ୍ରିୟା ଆରମ୍ଭ କରିଥିଲା । ଏହା ଶ୍ରମିକଙ୍କ କୁଶଳତା ବୃଦ୍ଧି କରିବା ପରିବର୍ତ୍ତେ ତାଲିମଦାତା ସଂସ୍ଥାକୁ ପହଞ୍ଚାଇଥିଲା କୋଟି କୋଟି ଟଙ୍କା ଲାଭ । ସୂଚନା ଅଧିକାର ବଳରେ ମିଳିଥିବା ତଥ୍ୟ କହୁଛି, ଶ୍ରମିକଙ୍କ ପ୍ରଶିକ୍ଷଣ ନାମରେ ଖର୍ଚ୍ଚ ହୋଇଛି ୨୬୭ କୋଟି ୪୮ ଲକ୍ଷ ଟଙ୍କା । ଏହି ପରିମାଣ ସାମାନ୍ୟ ନ ଥିବାରୁ ଖର୍ଚ୍ଚର ସିବିଆଇ ତଦନ୍ତ ପାଇଁ 'ପ୍ରଗତିଶୀଳ ଶ୍ରମିକ ମଞ୍ଚ' ରାଜ୍ୟ ସମ୍ପାଦକ ରକ୍ଷାକର ଅନୁପମ ଦାବି କରିଛନ୍ତି ।

ତାଲିମ ପାଇଁ 'ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ' ପକ୍ଷରୁ ୬ଟି କର୍ପୋରେଟ୍ ସଂସ୍ଥାକୁ ଅନୁବନ୍ଧିତ କରାଯାଇ ଥିଲା । ସେଗୁଡ଼ିକ ହେଲା ଲେବର ନେଟ୍ ସର୍ଭିସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍, ଆଇଏଲ୍ ଆଣ୍ଡ ସ୍କିଲ୍ ଡେଭଲପମେଣ୍ଟ କର୍ପୋରେସନ ଲିମିଟେଡ୍, ଜି ଆଣ୍ଡ୍ ଜି ସ୍କିଲ୍ ଡେଭଲପର ପ୍ରାଇଭେଟ୍ ଲିମିଟେଡ୍, ଭାସ୍କର ଫାଉଣ୍ଡେସନ୍, ଓପି ଜିନ୍ଦଲ କମ୍ୟୁନିଟି କଲେଜ ଓ ସୁଶୀଲ ବହୁଦେଶୀୟ ଶିକ୍ଷା ସଂସ୍ଥା । ପ୍ରଶିକ୍ଷଣ ନେବାକୁ ଥିବା ଶ୍ରମିକଙ୍କୁ ଦୈନିକ ଭତ୍ତା, ସୁରକ୍ଷା ଉପକରଣ ଏମାନଙ୍କୁ କୁଶଳୀ କରି ଗଢ଼ିତୋଳିବା ଲକ୍ଷ୍ୟ ଥିଲା । କେବଳ ତାଲିମ ପାଇଁ ଜଣେ ଶ୍ରମିକ ପିଛା ୧୫୦୦ ଟଙ୍କା ଖର୍ଚ୍ଚ ହୋଇଥିଲା । ସମ୍ପୃକ୍ତ ୬ ପ୍ରଶିକ୍ଷଣ ସଂସ୍ଥାକୁ ବିଭିନ୍ନ ଜିଲ୍ଲାର ଦାୟିତ୍ୱ ଦିଆଯାଇଥିଲା । ସେମାନଙ୍କୁ ତାଲିମ ନେବାକୁ ଥିବା ଶ୍ରମିକମାନଙ୍କ ତାଲିକା ମଧ ଦିଆଯାଇ ଥିଲା ।

ହେଲେ ପ୍ରଶିକ୍ଷଣ ସଂସ୍ଥାଗୁଡ଼ିକ ଚଞ୍ଚକତାପୂର୍ବକ ଦିନକୁ ମାତ୍ର ୧ ଘଣ୍ଟା ତାଲିମ ଦେଇଥିଲେ ଓ ଏହିଭଳି ୧୫ ଦିନ ବିତାଇ ଦିଆଗଲା । ସେଥିରେ ପ୍ରଶିକ୍ଷକମାନେ ମଧ ତାଲିମପ୍ରାପ୍ତ ନ ଥିବା ଅଭିଯୋଗ ହୋଇଥିଲା । ୧୫ ଦିନ ପରେ ଏହି କର୍ପୋରେଟ୍ ସଂସ୍ଥାଗୁଡ଼ିକ କୁଆଡ଼େ ଉଭାନ୍ ହୋଇଗଲେ । ପ୍ରଶିକ୍ଷଣ ନେଇଥିବା ଶ୍ରମିକମାନେ ଟ୍ରେନିଂ ବାବଦ ମଜୁରି ଓ କ୍ଷତିପୂରଣ ଖର୍ଚ୍ଚ ପାଇ ନ ଥିଲେ । ସଂପୃକ୍ତ ସଂସ୍ଥାର କର୍ମଚାରୀ ଏ ନେଇ କିଛି କହିପାରି ନ ଥିଲେ । ଏହାପରେ କରୋନା ମହାମାରୀ ଆସିବାରୁ ଶ୍ରମ କାର୍ଯ୍ୟାଳୟ ବନ୍ଦ ରହିଥିଲା । ଏହି କାରଣରୁ ଶ୍ରମିକଙ୍କୁ ଅର୍ଥ ମିଳିବାରେ ବିଳମ୍ବ ହେଉଥିବା କୁହାଗଲା । ସମ୍ପୃକ୍ତ ୬ କର୍ପୋରେଟ୍ ସଂସ୍ଥା ବିରୋଧରେ ଶ୍ରମିକମାନେ ଶ୍ରମ କମିସନରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ । ଫଳରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ହଠାତ୍ ବନ୍ଦ କରି ଦିଆଗଲା ।

ଏଠାରେ ପ୍ରଶ୍ନ ଉଠୁଛି, ଯେଉଁ କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ଟ୍ରେନିଂ ଦେବା ପାଇଁ ବଛା ଯାଇଥିଲା ତାର ଆଧାର କଣ ଥିଲା ? ସଂସ୍ଥା ଚୟନରେ କେଉଁ ପ୍ରକ୍ରିୟା ଅବଲମ୍ବନ କରାଯାଇଥିଲା ? ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ବୈଠକରେ ଏହା ଅନୁମୋଦିତ ହୋଇଥିଲା କି ? କଲ୍ୟାଣ ବୋର୍ଡ ଅଧକ୍ଷ ଏବଂ ସଦସ୍ୟ ସଚିବ (ଲେବର କମିସନର) ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଥିଲେ କି ? ଯଦି କରିଥିଲେ, ତେବେ ସଂପୃକ୍ତ କର୍ପୋରେଟ୍ ସଂସ୍ଥାଗୁଡ଼ିକର କଣ ଦେଖି ସବୁଜ ସଂକେତ ଦେଇଥିଲେ ? ଶ୍ରମିକ କଲ୍ୟାଣ ବୋର୍ଡରୁ ଖର୍ଚ୍ଚ ହୋଇଥିବା ବିପୁଳ ଅର୍ଥ ଶ୍ରମିକଙ୍କ ନିଜସ୍ୱ ପାଣ୍ଠି । ଏହା ଶ୍ରମିକଙ୍କ କଲ୍ୟାଣ ନିମନ୍ତେ ବିଭିନ୍ନ ପ୍ରକଳ୍ପରୁ ସେସ୍ ବାବଦରେ ଆଦାୟ ଅର୍ଥ । ଏହି ଅର୍ଥକୁ ହେରଫେର କରାଯାଇଥିବା ଅଭିଯୋଗକୁ ସେତେବେଳେ ଚାପି ଦିଆଯାଇ ଥିଲା । ଏବେ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ କହୁଛି, ସରକାର ଏହି ତାଲିମ ପାଇଁ ୨୬୭ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟ କରିଛନ୍ତି । ତାଲିମଦାତା କର୍ପୋରେଟ୍ ସଂସ୍ଥାଗୁଡ଼ିକ ତାଲିମ ସମୟରେ ଶ୍ରମିକଙ୍କ ଦୈନିକ ମଜୁରି ଓ କ୍ଷତିପୂରଣ କାହିଁକି ଦେଲେ ନାହିଁ ସେ ନେଇ ସରକାର ମୁହଁ ଖୋଲୁନାହାନ୍ତି । ଫଳରେ ଶ୍ରମ କମିସନରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିବା ଶ୍ରମିକମାନେ ସନ୍ଦେହ କରୁଛନ୍ତି ଯେ, 'ଦାଲ୍ ମେ କୁଛ୍ କାଲା ହେ' ବୋଲି । ତେଣୁ ରାଜ୍ୟ ସରକାର ସମ୍ପୃକ୍ତ ୬ଟି କମ୍ପାନିକୁ କଳା ତାଲିକାଭୁକ୍ତ କରି ସେମାନଙ୍କଠାରୁ ୨୬୭ କୋଟି ୪୮ ଲକ୍ଷ ଟଙ୍କା ଫେରାଇ ଆଣି ନିଜ ସଚ୍ଚୋଟତାର ପ୍ରମାଣ ଦିଅନ୍ତୁ ବୋଲି ଶ୍ରମିକ ସଂଘଗୁଡ଼ିକ ଦାବି କରୁଛନ୍ତି । ଯେଉଁ ଶ୍ରମିକଙ୍କ ଟ୍ରେନିଂ ସହାୟତା ଅର୍ଥ କର୍ପୋରେଟ୍ ସଂସ୍ଥାଗୁଡ଼ିକ ଦେଇନାହାନ୍ତି, ସେମାନଙ୍କ ବିରୋଧରେ 'ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ' ମାମଲା ରୁଜୁ କରୁ ବୋଲି ଧରମା ଫାଉଣ୍ଡେସନ୍ ସଭାନେତ୍ରୀ ସୁଷମା ସାହୁ ଦାବି କରିଛନ୍ତି ।

# ଫର୍ଟିଫାଇଡ ରାଇସକୁ ବିଆରଏସର ବିରୋଧ

ଜୟପୁର, ୦୫/୦୩ (ନି.ପ୍ର): ଫର୍ଟିଫାଇଡ ରାଇସକୁ ବିରୋଧ କରିଛି ବିଆରଏସ ଓଡ଼ିଶା । ଏନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରି ଧାରି ଗମାଙ୍ଗ ଆଜି ଜୟପୁର ର ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନି କରି ଉଦବେଗ ପ୍ରକାଶ କରିଛନ୍ତି । ସାରା ଦେଶରେ କେନ୍ଦ୍ର ସରକାର ଫର୍ଟିଫାଇଡେଡ ରାଇସ ପ୍ରତ୍ୟେକ ରେସନ କାର୍ଡଧାରୀଙ୍କୁ ପହଂଚାଇବାକୁ ଯୋଜନା କରିଛନ୍ତି । ଏହି ଯୋଜନା ଚଳିତ ମାସ ଠାରୁ ରାଜ୍ୟରେ ଆରମ୍ଭ ହୋଇଛି । ସରକାର ସାଧାରଣ ଲୋକଙ୍କୁ ଭିଟାମିନ ଯୁକ୍ତ ଚାଉଳ ପହଂଚାଇବାକୁ ଆରମ୍ଭ କରିଛନ୍ତି । ଏହି ଫର୍ଟିଫାଇଡେଡ ରାଇସ କେତେ ପାର୍ଶ୍ୱ ପ୍ରତିକ୍ରିୟା ଜନିତ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଅନୁଧାନ ନକରି ସରକାର ଲୋକଙ୍କୁ ଭିଟାମିନ ଯୋଗାଇ ଦେଉଥିବା ଭାବିବା ସମୟରେ ଅନେକ ଲୋକଙ୍କୁ ମୃତ୍ୟୁ ମୁଖକୁ ଠେଲୁଛନ୍ତି । ସରକାର ଜାତୀୟ ଖାଦ୍ୟ ସରୁକ୍ଷା ଆକ୍ଟ ଅନୁସାରେ ପ୍ରତ୍ୟେକ ରାସନକାର୍ଡ ଧାରୀଙ୍କୁ ୫ କେଜି ଚାଉଳ ଯୋଗାଇଥିବା ବେଳେ ଥାଲେସେମିଆ, ଏନିମିଆ, ସିକିଲିସେଲ ରୋଗୀ ଏହି ଫର୍ଟିଫାଇଡେଡ ରାଇସ ବ୍ୟବହାର କରିବା ଅର୍ଥାତ ମୃତ୍ୟୁକୁ ଆମନ୍ତ୍ରଣ କରିବା । ଏହି ରୋଗୀ ମାନଙ୍କ ପାଇଁ ସରକାର ବିକଳ୍ପ ବ୍ୟବସ୍ଥା କରି ନାହାଁନ୍ତି । ତାହା ହେଲେ ଏହି ରୋଗୀ ମାନେ ରାସନ କାର୍ଡ ଧାରୀ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ୫ କେଜି ଫର୍ଟିଫାଇଡେଡ ରାଇସ ଗ୍ରହଣ କରିବେ ନାହିଁ । ଯଦି ଏହି ଚାଉଳ ସେମାନେ ଖାଇ ପାରିବେ ନାହିଁ ତାହା ହେଲେ ସରକାର ଏହି ଚାଉଳ ବାଂଟିବାର ଉଦ୍ଦେଶ୍ୟ କଣ ବୋଲି ପ୍ରଶ୍ନ କରିଛି । ଚାଉଳରୁ ବଂଚିତ ରଖିବା ପାଇ ଏହା ସରକାରଙ୍କ ସୁଚିନ୍ତିତ ଷଡଯନ୍ତ୍ର ନୁହେଁ କି ? ତେଣୁ ସରକାର ପ୍ରତ୍ୟେକ ପରିବାର ଏକ ସ୍ୱାସ୍ଥ୍ୟ ସର୍ଭେ କରନ୍ତୁ କେଉଁ ମାନଙ୍କୁ ଭିଟାମିନ ଏବଂ ଆଇରନ ଆବଶ୍ୟକତା ରହିଛି ତାହାର ତାଲିକା ପ୍ରସ୍ତୁତ କରି ଫର୍ଟିଫାଇଡେଡ ରାଇସ ବଦଳରେ ସାଧାରଣ ଚାଉଳ ପ୍ରଦାନ କରିବା ସହ ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଅନୁସାରେ ଯେଉଁମାନଙ୍କୁ ଆବଶ୍ୟକତା ସେହି ମାନଙ୍କୁ ଭିଟାମିନ, ଆଇରନ ଟାବଲେଟ ଯୋଗାଇ ଦିଅନ୍ତୁ । ଏହି ସମ୍ବାଦିକ ସମ୍ମିଳନିରେ ଶିଶିର ଗମାଙ୍ଗ, ରବିନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ହିନ୍ଦୋଳ ଓ ଅତାବିରା ଏନ୍‌ଏସି ନିର୍ବାଚନ ପାଇଁ ପର୍ଯ୍ୟବେକ୍ଷକଙ୍କୁ ତାଲିମ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏବଂ ବରଗଡ଼ ଜିଲ୍ଲାର ଅତାବିରା ଏନ୍‌ଏସି ନିର୍ବାଚନ ପାଇଁ ଆଜି ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ସାଧାରଣ ପର୍ଯ୍ୟବେକ୍ଷକ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ଆୟୋଗଙ୍କ ସଚିବ ବିଜୟ କୁମାର ଦାଶ ନିର୍ବାଚନ କାର୍ଯ୍ୟ ସୁପରିଚାଳନା ସଂପର୍କରେ ତାଲିମ ପ୍ରଦାନ କରିଛନ୍ତି । ରାଜ୍ୟ ସରକାରଙ୍କ ବରିଷ୍ଠ ଓ ଦକ୍ଷ ଅଧିକାରୀମାନଙ୍କୁ ରାଜ୍ୟ ନିର୍ବାଚନ ଆୟୋଗ ସାଧାରଣ ପର୍ଯ୍ୟବେକ୍ଷକ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରିଛନ୍ତି । ଅତାବିରା ଏନ୍‌ଏସି ପାଇଁ ଶ୍ରୀ ନୃସିଂହ ଚରଣ ସ୍ୱାଇଁ ଓ ହିନ୍ଦୋଳ ଏନ୍‌ଏସି ପାଇଁ ବିମଳେନ୍ଦୁ ରାୟ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି । ଶ୍ରୀ ଦିଲ୍ଲୀପ କୁମାର ସାହୁ ଓ ଶ୍ରୀମତୀ ନିୟତୀ ପଟ୍ଟନାୟକଙ୍କୁ ସାଧାରଣ ପର୍ଯ୍ୟବେଧକ (ସଂରକ୍ଷିତ) ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଅତାବିରା ଏନ୍‌ଏସି ପାଇଁ ଶ୍ରୀ ଫକୀର ମୋହନ ଶତପଥୀ ଓ ହିନ୍ଦୋଳ ଏନ୍‌ଏସି ପାଇଁ ଶ୍ରୀ ପ୍ରମୋଦ କୁମାର ସାହୁଙ୍କୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି ଓ ଶ୍ରୀ ଦେବକଲ୍ୟାଣ ବେହେରା ଓ ଶ୍ରୀ ଦୟାନିଧି ନାୟକଙ୍କୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ (ସଂରକ୍ଷିତ) ଭାବେ ନିଯୁକ୍ତି ଦିଆଯାଇଛି । ସାଧାରଣ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ନିର୍ବାଚନ ଅନୁଷ୍ଠିତ ହେଉଥିବା ଜିଲ୍ଲାର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକମାନଙ୍କୁ ଭେଟି ସଂପୃକ୍ତ ଅଂଚଳ ସଂପର୍କରେ ବିସ୍ତୃତ ଭାବେ ଅବଗତ ହେବା ସହ ସେଠାରେ ରହି ନିର୍ବାଚନ କାର୍ଯ୍ୟ ସୁରୁଖୁରୁରେ ପରିଚାଳନା କରିବେ ଓ ଜିଲ୍ଲାପାଳ, ଏସ୍‌ପିଙ୍କ ସହ ମିଶି ନିର୍ବାଚନବେଳେ ସଂପୃକ୍ତ ଅଂଚଳର ଆଇନଶୃଙ୍ଖଳା ଉପରେ ଦୃଷ୍ଟି ରଖିବେ । ସେହିପରି ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀମାନଙ୍କ ନିର୍ବାଚନୀ ଖର୍ଚ୍ଚ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ପାଇଁ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିର୍ବାଚନୀ ଖର୍ଚ୍ଚରୁ ଯେପରି ଅଧିକ ନହେବ ସେଥିପ୍ରତି ଦୃଷ୍ଟିଦେବେ । ସାଧାରଣ ଓ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ନିର୍ବାଚନ ପାଇଁ ନିଯୁକ୍ତ ହୋଇଥିବା ଜିଲ୍ଲାକୁ ଅତିକମ୍‌ରେ ଦୁଇଥର ଗସ୍ତ କରି ନିର୍ବାଚନ କାର୍ଯ୍ୟ କରିବେ ବୋଲି ଆୟୋଗଙ୍କ ସଚିବ ଶ୍ରୀ ଦାଶ କହିଛନ୍ତି । ନିର୍ବାଚନ ପ୍ରଚାର ସମୟରେ ଆଦର୍ଶ ଆଚରଣବିଧି ଉଲ୍ଲଂଘନ କିମ୍ବା ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ ସାଧାରଣ ପର୍ଯ୍ୟବେକ୍ଷକମାନେ ତୁରନ୍ତ ନିର୍ବାଚନ ଆୟୋଗଙ୍କୁ ରିପୋର୍ଟ କରିବେ ।

# ରାଜ୍ୟର ବିକାଶରେ ଇଲେକ୍‌ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ପ୍ରମୁଖ ଭୂମିକା ରହିଛି -ମନ୍ତ୍ରୀ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଚଳିତ ବର୍ଷ ଯେଉଁ ବଜେଟ୍ ପ୍ରସ୍ତୁତ ହୋଇଛି, ସେଥିରେ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟାକୁ ପ୍ରାଥମିକତା ଦିଆଯାଇଛି । ରାଜ୍ୟର ବିକାଶରେ ଏହି ବିଭାଗର ଏକ ପ୍ରମୁଖ ଭୂମିକା ରହିଅଛି । ଓଡ଼ିଶା ଭବିଷ୍ୟତରେ ଏକ ଜ୍ଞାନ ଆଧାରିତ ଅର୍ଥନୀତି ରାଜ୍ୟରେ ପରିଗଣିତ ହେବ ବୋଲି ବିଶ୍ୱାସ ରହିଛି । ରାଜ୍ୟ ସରକାର ଇଲେକ୍‌ଟ୍ରୋନିକ୍ସ ନୀତି, ପ୍ରୁଯକ୍ତିବିଦ୍ୟା ନୀତି, ବିପିଓ ନୀତି ଏବଂ ଡାଟା ସେଂଟର ନୀତି ଆଦି ଚାରିଗୋଟି ନୂତନ ନୀତିକୁ ଅନୁମୋଦନ କରିଛନ୍ତି । ଏହି ନୀତିଗୁଡ଼ିକ ଦେଶର ସର୍ବୋତମ ଏବଂ ଗୁରୁତ୍ୱପୂର୍ଣ୍ଣ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିପାରିବ । ୨୦୨୩-୨୪ ବଜେଟ୍ ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ଗୀତ ଗୋବିନ୍ଦ ସଦନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନରେ ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ଏହି ସୂଚନା ଦେଇଛନ୍ତି ।

ମନ୍ତ୍ରୀ ଶ୍ରୀ ବେହେରା ସୂଚନା ପ୍ରଦାନ କରି କହିଲେ ଯେ, ମେକ୍-ଇନ୍-ଓଡ଼ିଶା କନ୍‌କ୍ଲେଭ ସମୟରେ ସ୍ୱାକ୍ଷରିତ ପୁଞ୍ଜି ବିନିଯୋଗ ଉଦ୍ଦେଶ୍ୟ ହାସଲ କରିବାରେ ସରକାର ସକ୍ଷମ ହୋଇଛନ୍ତି । ଇଲେକ୍‌ଟ୍ରୋନିକ୍ସ ସୂଚନା ପ୍ରଯୁକ୍ତିବିଦ୍ୟା କମ୍ପାନୀଗୁଡ଼ିକୁ ରାଜ୍ୟକୁ ଆଣିବା ଉପରେ ଗୁରୁତ୍ୱ ଦିଆଯାଇଛି । ଆଇବିଏମ୍, ଡେଲୋଏଟ୍, ହାପିଷ୍ଟ ମାଇଣ୍ଡସ୍, ପିଡବ୍ଲ୍ୟୁଡି, ଇନ୍‌କ୍ୟୁଟର, ଇନୋଭେୟାରଟେକ୍, ଓପେକ୍ସ ଆମେରିକା, ୟୋଭାଂଟ ଏବଂ ଅନ୍ୟାନ୍ୟ ଆଇଟି କମ୍ପାନୀ ଓଡ଼ିଶାରେ ସେମାନଙ୍କ କେନ୍ଦ୍ର ଖୋଲି ସାରିଛନ୍ତି ଏବଂ ଆହୁରି ଅନେକ କମ୍ପାନୀ ଓଡ଼ିଶାରେ ସେମାନଙ୍କ କେନ୍ଦ୍ର ପ୍ରତିଷ୍ଠା ପାଇଁ ଇଚ୍ଛୁକତା ପ୍ରକାଶ କରିଛନ୍ତି ।

ରାଜ୍ୟ ମାଲିକାନାରେ ଥିବା ଆଇଟି ଟାୱାରରେ କାର୍ଯ୍ୟ କରୁଥିବା ଆଇଟି କମ୍ପାନୀଗୁଡ଼ିକ ପାଇଁ ଲିଜ୍ ଭଡ଼ା ବର୍ଗଫୁଟ ପିଛା ୨୦ ଟଙ୍କାକୁ ହ୍ରାସ କରିବାକୁ ସରକାର ନିଷ୍ପତି ନେଇଛନ୍ତି ଯାହା ଓଡ଼ିଶାକୁ ଏକ ଆଇଟି ଗନ୍ତବ୍ୟ ସ୍ଥଳରେ ପରିଣତ କରିଛି । ଆନ୍ତର୍ଜାତିକ ଆଇଟି କମ୍ପାନୀର ସହଭାଗିତାରେ ଓଡ଼ିଶାର ପ୍ରତ୍ୟେକ ଯୋଗ୍ୟ ଏବଂ ଆଗ୍ରହୀ ବ୍ୟକ୍ତିବିଶେଷଙ୍କୁ ପ୍ରଶିକ୍ଷିତ କରିବା ସହିତ କୃତ୍ରିମ ବୁଦ୍ଧିମତାର ଏକ ସହରୀ କ୍ଷେତ୍ର ପ୍ରସ୍ତୁତ କରାଯିବ । ପ୍ରଥମ ପର୍ଯ୍ୟାୟରେ ଏହା ପୁରୀ, ଭୁବନେଶ୍ୱର ଓ କଟକ ଅଂଚଳରେ ପ୍ରବର୍ତ୍ତନ କରାଯିବ । ଆମ ରାଜ୍ୟର ସମସ୍ତ ଅଧିକାରୀଙ୍କୁ ମଧ ତାଲିମ୍ ପ୍ରଦାନ କରାଯିବ । ରାଜ୍ୟର ୧୩୩ଟି ବ୍ଲକ୍‌ରେ ମୌଳିକ ଭିତିଭୂମି ମାଧମରେ ଇଂଟରନେଟ୍ ଲିଜ୍ ଲାଇନ୍‌ର ଉପଲବ୍ଧତା ପାଇଁ ରାଜ୍ୟ ସରକାର ୨୬.୬ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଯାହାଦ୍ୱାରା ଗ୍ରାମାଂଚଳ ନାଗରିକମାନଙ୍କର ଡିଜିଟାଲ ଦୁନିଆରେ ପ୍ରବେଶ ସହଜଲଭ୍ୟ ହୋଇପାରିବ ।

ଗ୍ରାମପଂଚାୟତ ସ୍ତରରେ ଥିବା ସରକାରୀ ଅନୁଷ୍ଠାନଗୁଡ଼ିକରେ ଭିଡିଓ କନ୍‌ଫରେନସିଂ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ସମସ୍ତ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପାଇଁ ୧ ଜିବିପିଏସ୍ ଉଚ-ବ୍ୟାଣ୍ଡୱିଡଥ୍ ଯୋଗାଇ ଦିଆଯିବ ଯାହାଦ୍ୱାରା ଗ୍ରାମ ପଂଚାୟତ ନିକଟସ୍ଥ ସରକାରୀ ସଂସ୍ଥା ଯଥା- ସ୍କୁଲ, ଡାକ୍ତରଖାନାଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମ ସହଜରେ ବିତରଣ କରାଯାଇପାରିବ । ବ୍ରଡବ୍ୟାଣ୍ଡ ସଂଯୋଗ ଫଳରେ ଗ୍ରାମାଂଚଳ ଏବଂ ସହର ମଧରେ ପାର୍ଥକ୍ୟକୁ ଯଥେଷ୍ଟ ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇଛି ।

ପ୍ରମୁଖ ଶାସନ ସଚିବ ଶ୍ରୀ ମନୋଜ କୁମାର ମିଶ୍ର ପାୱାର ପଏଂଟ ପ୍ରେଜେଂଟେସନ୍ ଜରିଆରେ ବଜେଟ୍ ସମ୍ପର୍କରେ ତଥ୍ୟ ପ୍ରଦାନ କରିବାକୁ ଯାଇ କହିଲେ ଚଳିତ ବର୍ଷ ବଜେଟ୍‌ରେ ଇଲେକ୍‌ଟ୍ରୋନିକ୍ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପାଇଁ ୩୬୫ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖାଯାଇଛି । ମେକ୍-ଇନ୍-ଓଡ଼ିଶାର ସଫଳତା ପରେ ବହୁ ବଡ଼ ବଡ଼ ଆଇଟି କମ୍ପାନୀ ଓଡ଼ିଶାକୁ ଆସିବାକୁ ଇଚ୍ଛା କରୁଛନ୍ତି । ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଜାଗା ଓ ଗୃହ ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଇଛି, ଯାହାଦ୍ୱାରା ଓଡ଼ିଶାରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ସରକାରୀ ସେବାଗୁଡ଼ିକ ଜନସାଧାରଣଙ୍କ ମଧରେ ବିତରଣକୁ ସୁନିଶ୍ଚିତ କରିବା ପାଇଁ 'ମୋ ସେବାକେନ୍ଦ୍ର' ପ୍ରତିଷ୍ଠା କରାଯାଇଛି ଏବଂ ପଂଚାୟତ ସ୍ତରରେ ମୋ ସେବାକେନ୍ଦ୍ର କାର୍ଯ୍ୟ କରିବାକୁ ପଦକ୍ଷେପ ନିଆଯାଉଛି । ଏଥିସହିତ ସାଇବର ଆଟାକ୍‌ରୁ ସରକାରୀ ତଥ୍ୟଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି । ବର୍ତ୍ତମାନ ନାଗରିକମାନଙ୍କୁ ଓଡ଼ିଶା ୱାନ ପୋର୍ଟାଲ ଜରିଆରେ ଯୋଗାଇ ଦିଆଯାଉଥିବା ୫୫୦ଟି ସେବାକୁ ୬୫୦କୁ ଉନ୍ନୀତ କରିବାକୁ ଚେଷ୍ଟା ଜାରି ରହିଛି ।

ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି 'ଓସ୍ୱାସ' ପରି ଏକ ଏଂଟରପ୍ରାଇଜ୍ ପ୍ଲାଟଫର୍ମ ଅଛି ସରକାରୀ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ବିଭାଗକୁ ଓସ୍ୱାସରେ ସଂଯୋଗ କରାଯିବା ସହିତ ଇ-ଡେସ୍‌ପାଚ୍ ବ୍ୟବସ୍ଥା ପ୍ରଚଳନ କରାଯାଇଛି । ଓସ୍ୱାସ୍ ଜରିଆରେ ଟେକ୍ନୋଲୋଜିର ଦକ୍ଷ ଉପଯୋଗ ପାଇଁ ବଜେଟ୍‌ରେ ୧୯.୭୫ କୋଟି ଟଙ୍କା ଆବଂଟନ କରାଯାଇଛି । ଡାଟାର ନିର୍ଭର ଯୋଗ୍ୟତା ଏବଂ ସୁଲଭତା ପାଇଁ ପୁରୀଠାରେ ସମୁଦ୍ର ଭିତରେ ଏକ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ୍ ପ୍ରତିଷ୍ଠାର ଯୋଜନା ହୋଇଛି । ଏହି ଷ୍ଟେସନ୍ ପ୍ରତିଷ୍ଠା ଦ୍ୱାରା ଡାଟା ସେଂଟର, ଚିତବିନୋଦନ, ଦୂରସଂଚାର ଏବଂ ଫିନ୍‌ଟେକ୍‌ର ବଜାରକୁ ସଶକ୍ତ କରିବ । ଯାହାଦ୍ୱାରା ଓଡ଼ିଶା ପୂର୍ବଭାରତ, କେନ୍ଦ୍ରୀୟ ତଥା ଉତର-ପୂର୍ବ ଭାରତ ପାଇଁ ଏକ ଡିଜିଟାଲ ହବ୍ ଭାବେ ଛିଡ଼ା ହୋଇପାରିବ । ଇଲେକ୍‌ଟ୍ରୋନିକ୍ସ ଡିଜାଇନ୍ ଏବଂ ଉତ୍ପାଦନ କ୍ଷେତ୍ରରେ ଏକ ସୁବାତାବରଣ ସୃଷ୍ଟି କରିବାକୁ ୩୦ କୋଟି ଟଙ୍କା ବିନିଯୋଗରେ ଏକ ଉଚ୍ଚାଭିଳାସି ଓ ଓଡ଼ିଶା ଚିପ୍ (କ୍ୱ-ଇଓଚିପ) କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମ ମାଧମରେ ଗବେଷଣା, ନମୂନା ପ୍ରସ୍ତୁତି, ପରୀକ୍ଷଣ ଏବଂ ଉତ୍ପାଦନ ପାଇଁ ସଠିକ୍ ପରିବେଶ ସୃଷ୍ଟି ହୋଇପାରିବ ।

ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ମନୋଜ କୁମାର ମିଶ୍ର ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ପାଟଣାଗଡ଼ ବଣିକ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ

ପାଟଣାଗଡ, ୦୫/୦୩ (ନି.ପ୍ର): ପାଟଣାଗଡ଼ ବଣିକ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସଂଘର ନୂତନ କର୍ମକର୍ତ୍ତା ଆସନ୍ତା ୨୩/୨୪ ବର୍ଷ ପାଇଁ ପୂର୍ବରୁ ହୋଟେଲ ଶାରଦାରେ ମନୋନୀତ କରାଯାଇଥିଲା । ତେଣୁ ଆଜି ନୂତନ କର୍ମକର୍ତ୍ତାଙ୍କ ଶପଥ ସମାରୋହ ପାଟଣାଗଡ଼ ନିକଟବର୍ତ୍ତୀ କାହ୍ନାନର୍ସରୀରେ ଆଡ଼ମ୍ବର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶପଥ ସମାରୋହରେ ସଂଘର ଆଇନ ପରାମର୍ଶଦାତା ସିଦ୍ଧାର୍ଥ ମିଶ୍ର ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ । ବଣିକ ସଙ୍ଘର ସଭାପତି ଭାବେ ରାଜେଶ କୁମାର ମେହେର, ଉପସଭାପତି ଭାବେ ମହନ କୁଦେଇ, ସାଧାରଣ ସମ୍ପାଦକ ଭାବେ ପ୍ରଫୁଲ୍ଲ କୁମାର ମେହେର, ସହସମ୍ପାଦକ ଭାବେ ନିତେଶ ଅଗ୍ରୱାଲ ଓ କୋଷାଧକ୍ଷ ଭାବେ ମୁକେଶ ଶର୍ମା ସହ ସଙ୍ଘର କାର୍ଯ୍ୟକାରୀ କମିଟିକୁ ୨୭ ଜଣ କାର୍ଯ୍ୟକର୍ତ୍ତା ମନୋନୀତ କରାଯାଇଛି ବୋଲି ସଭାପତି ସୂଚନା ଦେଇଛନ୍ତି । ଆଗାମୀ ଦିନରେ ସଙ୍ଘ ତରଫରୁ ଏକ ରକ୍ତଦାନ ଶିବିର କରାଯିବା ସହ ପାଟଣାଗଡ଼ ଡାକ୍ତରଖାନା ଓ ବୃଦ୍ଧାଶ୍ରମରେ କାର୍ଯ୍ୟକ୍ରମ କରିବା ପାଇଁ କହିଥିଲେ ।

## ପଂଚମୁଖୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ନୂଆପଡ଼ା, ୦୫/୦୩ (ନି.ପ୍ର): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସୀମାନ୍ତ କୁସୁମଯୋର ସ୍ଥିତ ଲଖନଡଙ୍ଗରୀ ଠାରେ ନିର୍ମିତ ହନୁମାନ ମନ୍ଦିର ଓ ପଂଚମୁଖୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓଁ ହଂଗ ହନୁମନ୍ତୟେ ରୁଦ୍ରାତ୍ମକାୟ ହନୁମାନ ମନ୍ଦିର ଟ୍ରଷ୍ଟ, କୁସୁମଜୋର ସିନାପାଲି ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ସୂଚନା ଯୋଗ୍ୟ ଯେ, ଏହି ଟ୍ରଷ୍ଟର ଅଧକ୍ଷ ଡ଼. ଭବାନୀ ଶଙ୍କର ନିଆଲ, ସମ୍ପାଦକ ସୁବାଷ ଚନ୍ଦ୍ର ଅଗ୍ରୱାଲ ସମେତ ପ୍ରଭାସ ସାହୁ, ହରି ପ୍ରସାଦ ଅଗ୍ରୱାଲ, ପ୍ରଦୀପ ଜୈନ, ମଧୁ ଜୈନ, ରବୀନ୍ଦ୍ର ରାଉତ, ରମେଶ ଅଗ୍ରୱାଲ ଏବଂ ବିରୁ ଅଗ୍ରୱାଲ ଟ୍ରଷ୍ଟର ଉପଦେଷ୍ଟା ଅଟନ୍ତି । ଏହି ଅବସର ରେ ଷୋହଳ ପ୍ରହରୀ ନାମଯଜ୍ଞ ଚାଲିଛି । ଏଥିପାଇଁ ସୀମାନ୍ତ ଛତିଶଗଡ଼ ଓ ଓଡ଼ିଶାର ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ବାହାରି ପୂର୍ଣ୍ଣ କଳସ ମନ୍ଦିର ନିକଟରେ ସ୍ଥାପନ ପରେ ନାମଯଜ୍ଞ ଆରମ୍ଭ ହୋଇଛି । ଗୁରୁବାର ଦିନ ଠାରୁ ନାମଯଜ୍ଞ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ବିଗ୍ରହ ଦର୍ଶନ କାର୍ଯ୍ୟ ଓ ଶନିବାର ଦିନ ଯଜ୍ଞର ପୂର୍ଣ୍ଣାହୂତି ହେବ ବୋଲି କମିଟି ସୁତ୍ରରୁ ଜଣାପଡ଼ିଛି । ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର କର୍ତ୍ତା ଭାବରେ ରମେଶ ଅଗ୍ରୱାଲ ଓ ଧର୍ମପତ୍ନୀ କିରଣଦେବୀ ଅଗ୍ରୱାଲ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ପୂଜକ ରୂପରେ ଧ୍ରୁବ ଚରଣ ଷଡ଼ଙ୍ଗୀ କାର୍ଯ୍ୟ ନିର୍ବାହ କରୁଛନ୍ତି । ସେହିପରି ନାମଯଜ୍ଞର କର୍ତ୍ତା ଭାବରେ ବିରବଳ ଅଗ୍ରୱାଲ ଓ ଧର୍ମପତ୍ନୀ ଉଷାଦେବୀ ଅଗ୍ରୱାଲ ରହିଥିବା ବେଳେ ପୂଜକ ରୂପରେ ବାଳବ୍ରହ୍ମଚାରୀ ଦାଶ ବାବା କାର୍ଯ୍ୟ ରେ ନିୟୋଜିତ ରହିଛନ୍ତି । ଏହି ମନ୍ଦିର ର ନିର୍ମାଣ ୨୦୦୦ ମସିହାରେ ସିନାପାଲିର ତତ୍କାଳୀନ ଥାନା ଅଧିକାରୀ ପ୍ରଭାସ ସାହୁ ଓ ଭବାନୀ ଶଙ୍କର ନିଆଲଙ୍କୁ ସ୍ୱପ୍ନଦେଶ ହୋଇଥିଲା । ଫଳରେ ଏଠାରେ ସେହି ଦିନ ଠାରୁ ଅସ୍ଥାୟୀ ଭାବରେ ପୂଜାକାର୍ଯ୍ୟ ଚାଲୁ ରହିଥିଲା । ବର୍ତ୍ତମାନ ନୂତନ ମନ୍ଦିର ଓ ପଂଚମୁଖୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଉଛି । ଏହି ପ୍ରତିଷ୍ଠା ଉତ୍ସବ ରେ ସୁବାସ ଅଗ୍ରୱାଲ, ପ୍ରଦୀପ ଜୈନ, ରବିନ୍ଦ୍ର ରାଉତ, ମଧୁ ଜୈନ, ବିରୁ ଅଗ୍ରୱାଲ, ହରି ଅଗ୍ରୱାଲଙ୍କ ନେତୃତ୍ୱ ରେ ପୂଜା କାର୍ଯ୍ୟ ଚାଲିଛି । ଏହି ଯଜ୍ଞ ଓ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଓଡ଼ିଶା ଓ ଛତିଶଗଡ଼ ଅଂଚଳର ଶତାଧିକ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମି ରହିଛି ।

## କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦାବିରେ କବିତା ପାଠୋତ୍ସବ

ଜୟପୁର, ୦୫/୦୩ (ନି.ପ୍ର): ଜୟପୁର ସହରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବହୁ ସଂଗଠନ ଚେଷ୍ଟା କରି ଚାଲିଛନ୍ତି । ଜିଲ୍ଲା ପ୍ରଶାସନ ମଧ ଏହି ଅନୁଷ୍ଠାନ ପାଇଁ ଜମି ଚିହ୍ନଟ ଠାରୁ ଆରମ୍ଭ କରି ଅସ୍ଥାୟୀ କୋଠା ବ୍ୟବସ୍ଥା କରିଛି । ରାଜ୍ୟ ସରକାର ମଧ ଏହି ସ୍କୁଲ ପ୍ରସ୍ତାବ ଦେଇ ଅପେକ୍ଷାରେ ରହିଛନ୍ତି । କିନ୍ତୁ କେନ୍ଦ୍ର ସରକାର ସମୟ ଗଡାଇ ଚାଲିଛନ୍ତି । କେନ୍ଦ୍ରରେ ଆମ ଓଡ଼ିଆ ପୁଅ ଶିକ୍ଷାମନ୍ତ୍ରୀ ଥିଲେ ବି ଏହା ବିଳମ୍ବ ହେବାରେ ଲାଗିଛି । ଏହାର ପ୍ରତିବାଦ ଏବଂ ପ୍ରତିକାର ତଥା କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କବିତା ମାଧମରେ ମାନ୍ୟବର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟରେ ଦାବି ରଖିବାକୁ ଏକ କବିତା ପାଠୋତ୍ସବ ଆଜି ଯାଦବ ଭବନ ପରିସରରେ ଜୟପୁର ଜନ କଲ୍ୟାଣ ମଂଚ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । କବିତା ପାଠ ପରେ ମାନ୍ୟବର ମନ୍ତ୍ରୀଙ୍କ ନିକଟକୁ ଏସବୁକୁ ପ୍ରେରଣ ପାଇଁ ନିଷ୍ପତି ହୋଇଛି । ପ୍ରଥମେ ମଂଚ ଆବାହକ ରାଜେନ୍ଦ୍ର କୁମାର ଗୌଡ଼ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇନଜୀବୀ ପ୍ରଫୁଲ୍ଲ କୁମାର ଦାସ ସଂଯୋଜନା କରିଥିଲେ । ଏଥିରେ ଆଇନଜୀବୀ ଶିବ ପ୍ରସାଦ ପାଢ଼ୀ ଏବଂ ତପନ କୁମାର ମିଶ୍ର ଯୋଗ ଦେଇ ବକ୍ତୃତା ମାଧମରେ ମତ ରଖିଥିବା ବେଳେ ୱାଲା ରାୟ ଏବଂ ଜାନକୀ ପାଣିଗ୍ରାହୀ ମଂଚାସିନ ରହିଥିଲେ । କବି କୃଷ୍ଣ ଚନ୍ଦ୍ର ହୋତା, ସୁଧାଂଶୁ ଶେଖର ପଟନାୟକ, ଶିକ୍ଷାବିତ ଯଜ୍ଞଶ୍ୱର ପଣ୍ଡା, ପ୍ରଶାନ୍ତ ହୃଦୟ ସାହୁ, ପ୍ରମୋଦ କୁମାର ରାଉଳ, ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଶୋଭାଙ୍ଗିନୀ ନନ୍ଦ ପ୍ରମୁଖ ନିଜ ନିଜ କବିତା କୃତି ପାଠ କରିଥିବା ବେଳେ ଚନ୍ଦ୍ରକାନ୍ତ ସୁତାର ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୂତଳ ଜଳ ଲବଣାକ୍ତ: ୩ ବ୍ଲକ ଅବସ୍ଥା ଉଦ୍‌ବେଗଜନକ

ଯାଜପୁରସଦର, ୦୫/୦୩ (ନି.ପ୍ର): ଯାଜପୁର ଜିଲ୍ଲାରେ ତାପମାତ୍ରା ବଢୁଥିବା ବେଳେ ପାନୀୟ ଜଳ ଯନ୍ତ୍ରଣା ଆରମ୍ଭ ହେଲାଣି । ନଦୀନାଳ ଘେରା ଏହି ଜିଲ୍ଲାର କେତେକ ଅଞ୍ଚଳରେ ଲବଣଯୁକ୍ତ ଭୂତଳ ଜଳ ବାହାରୁଥିବାରୁ ତାହା ଲୋକଙ୍କ ଶୋଷ ମେଣ୍ଟାଇବାରେ ସମସ୍ୟା ହେଉଛି । ଏହି ସଂକଟ ଜିଲ୍ଲାର ୩ଟି ବ୍ଲକ୍‌ରେ ଅଧିକ ଉତ୍କଟ ହେଉଛି ।

ପ୍ରକାଶ ଯେ, କେନ୍ଦ୍ର ଭୂତଳ ଜଳ ବିଭାଗ ପକ୍ଷରୁ ୧୯୯୫ ରୁ ୨୦୦୧ ମଧରେ ଉପକୂଳ ଜିଲ୍ଲା ଗୁଡ଼ିକରେ ଲବଣତା ସଂପର୍କିତ ସର୍ଭେ କରାଯାଇଥିଲା । ଏହି ରିପୋର୍ଟ ଅନୁସାରେ ଜିଲ୍ଲାର ୩ଟି ବ୍ଲକ୍ ବରୀ, ବିଂଝାରପୁର ଓ ଦଶରଥପୁର ଆଶିଂକ ଲବଣାକ୍ତ ବ୍ଲକ୍ ଭାବେ ଚିହ୍ନଟ ହୋଇଥିଲା । ଏହି ରିପୋର୍ଟକୁ ରାଜ୍ୟ ସରକାର ଗୁରୁତ୍ୱ ନଦେବାରୁ ଯୋଗୁଁ ୨୨ ବର୍ଷ ହେଲା ଲୋକମାନେ ଜଳସେଚନ ଓ ପାନୀୟ ଜଳ ପାଇଁ ସମସ୍ୟା ଭୋଗୁଛନ୍ତି । ଜଳ ସଂପଦ ବିଭାଗର ରିପୋର୍ଟ ଅନୁସାରେ ଜିଲ୍ଲାର ବରୀ, ବିଂଝାରପୁର ଓ ଦଶରଥପୁର ବ୍ଲକ୍ ଅଞ୍ଚଳରେ ନଦୀ ପ୍ରବାହିତ ହେଉଥିଲେ ମଧ ଏହି ଅଞ୍ଚଳର ଭୂତଳ ଦୂରତା ସମୁଦ୍ର ନିକଟତର ରହିଛି । ଫଳରେ ଭୂତଳ ଜଳ ଲବଣାକ୍ତ ହେଉଛି । ବରୀ ବ୍ଲକ୍‌ର ବ୍ରାହ୍ମଣୀ, ବିରୂପା ଓ ଗେଙ୍ଗୁଟି ଦ୍ୱୀପାଞ୍ଚଳ ଲବଣାକ୍ତ ହୋଇଥିବାରୁ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ଅଞ୍ଚଳରେ ମାଟି ଅଳ୍ପ ଖୋଳି ଦେଲେ ଲୁଣି ପାଣି ବାହାରୁଛି । ବରୀର ମୋଟ ୧୮୧୦୨ ହେକ୍ଟର ଭୌଗୋଳିକ ଅଞ୍ଚଳ ମଧରୁ ୪୨୦୯ ହେକ୍ଟର ଅଞ୍ଚଳ ଲୁଣି ପାଣି କବଳରେ ରହିଛି । ସେହିପରି ଦଶରଥପୁରର ୧୯୩୮୨ ହେକ୍ଟର ଅଞ୍ଚଳରୁ ୮୭୦୦ ହେକ୍ଟର ଏବଂ ବିଂଝାରପୁରର ୧୯୩୮୦ ହେକ୍ଟର ଅଞ୍ଚଳରୁ ୬୪୫୮ ହେକ୍ଟର ଅଞ୍ଚଳର ଭୂତଳ ଜଳ ଲବଣାକ୍ତ । ସର୍ଭେ ଅନୁସାରେ ଏହି ଅଞ୍ଚଳର ଭୂତଳ ଜଳ କୃଷି



ଏବଂ ପାନୀୟ ଉପଯୋଗୀ ନୁହେଁ । ବରୀ ବ୍ଲକ୍‌ର ରତ୍ନଗିରି, ମହାକାଳପଡ଼ା, ମନ୍ଦାରୀ ଓ ଅମଠପୁର ଆଦି ପଞ୍ଚାୟତର ହଜାରହଜାର ଲୋକ ସମସ୍ୟା ଭୋଗୁଛନ୍ତି । ଜଳସମ୍ପଦ ବିଭାଗ ମଧ ଏଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରୁନଥିବାରୁ ସମସ୍ୟାର ସମାଧାନ ହେଉନି । ବରୀ ବ୍ଲକ୍‌ରେ ଭୂତଳ ପାଇପ୍‌ଲାଇନ୍ ବ୍ୟବସ୍ଥା ଜରିଆରେ ଜଳ ଯୋଗାଣ କରିବାକୁ ଯୋଜନା ହୋଇଛି । ଅପରପକ୍ଷରେ ଦଶରଥପୁର ଓ ବିଂଝାରପୁର ଅଞ୍ଚଳରେ ପୁନଃଭରଣ ସୁଡ଼ଙ୍ଗ ଜରିଆରେ ଲବଣାଂଶ ହ୍ରାସ କରିବା ସହ ଭୂତଳ ଜଳ ବୃଦ୍ଧି କରିବାକୁ ଉଦ୍ୟମ କରାଯାଉଥିବା ଜଳସଂପଦ ବିଭାଗର ଅତିରିକ୍ତ ସଚିବ ସୁବ୍ରତ କୁମାର ପଣ୍ଡା କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛନ୍ତି ।

## ବିଜୁ ବାବାଙ୍କୁ ଭୁଲି ପାରିଲେନି ସୁନୀତି ସିଂ; ଶତାଧିକ ମହିଳାଙ୍କୁ ନେଇ ପାଳିଲେ ବିଜୁ ଜୟନ୍ତି

ନୀଳଗିରି, ୦୫/୦୩ (ନି.ପ୍ର): ବିଜୁ ବାବୁଙ୍କ ନୀତି ଆଦର୍ଶକୁ ପାଥେୟ କରି ଆଜକୁ ୨୨ବର୍ଷ ଧରି ବିଜୁ ଜନତା ଦଳର ସମସ୍ତ କାର୍ଯ୍ୟକୁ ସୁଚାରୁରୂପେ ପାଳନ କରି ଆସୁଛନ୍ତି ଆଦିବାସୀ ନେତ୍ରୀ ତଥା ରାଜ୍ୟ ବିଜୁ ମହିଳା ଜନତା ଦଳର ଉପସଭାନେତ୍ରୀ ସୁନିତୀ ସିଂ । ଜଣେଣ ଆଦିବାସୀ ନେତ୍ରୀ ଭାବରେ ନୀଳଗିରି ନିର୍ବାଚନ ମଣ୍ଡଳୀରେ ଲୋକପ୍ରିୟତା ଅର୍ଜନ କରିଥିବା ବେଳେ ବିଜୁ ଜନତା ଦଳର ପ୍ରତ୍ୟେକ କାର୍ଯ୍ୟ କ୍ଷେତ୍ରରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥାଏ । ଏହି ଦୃଷ୍ଟିରୁ ନାରୀନେତ୍ରୀ ସୁନୀତି ସିଂ ବିଜୁବାବୁଙ୍କର ୧୦୭ ଜନ୍ମ ଜୟନ୍ତି ସଜନାଗଡ଼ ଚଣ୍ଡି ମନ୍ଦିର ପ୍ରାଙ୍ଗଣରେ ମହିଳାମାନଙ୍କୁ ଧରରି ମହାସମାରୋହରେ ପାଳନ କରିଛନ୍ତି । ପରେ ସୁନୀତି ସିଂ ନୀଳଗିରି ବାଇପାସ ଠାରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ପରେ ସୁନିତୀ ସିଂ ମହିଳାମାନଙ୍କୁ ଧରି ନୀଳଗିରି ମେଡିକାଲରେ ରୋଗୀଙ୍କୁ ଫଳ ବଂଟନ କରିଥିଲେ ।

## ବିଜେପିର ଭ୍ରଷ୍ଟାଚାର ଦିବସ ପାଳିତ

ଜଳେଶ୍ୱର, ୦୫/୩(ନି.ପ୍ର): ରାଜ୍ୟରେ ବିଜେଡି ଶାସନର ବିପର୍ଯ୍ୟସ୍ତ ପଂଚାୟତରାଜ ବ୍ୟବସ୍ଥା ପ୍ରତିବାଦରେ ଆଜି ବିଜେପି ପକ୍ଷରୁ ଭ୍ରଷ୍ଟାଚାର ଦିବସ ପାଳିତ ହୋଇଛି । ବ୍ଲକ ସମ୍ମୁଖରେ କର୍ମୀମାନେ ହାତରେ କଳାପଟି ବାନ୍ଧି ଆବାସ ଯୋଜନାରେ ଦୁର୍ନିତୀ, ମନରେଗାର ଅନୀୟମିତତ, ଅର୍ଥକମିସନରଙ୍କ ଅର୍ଥ ହଡପ, ପାଇଖାନା ଦୁର୍ନିତୀ, ରୋସନକାର୍ଡ ଦୁର୍ନୀତି ବିରୋଧରେ ଧାରଣାରେ ବସିଥିଲେ । ଦୀର୍ଘଦିନରୁ ବିଭିନ୍ନ ଅନୀୟମିତତା ଅଭିଯୋଗ କରାଯାଉଥିଲେ ମଧ୍ୟ କର୍ତ୍ତୃପକ୍ଷ ସେଗୁଡିକୁ ଆଡେଇଯିବା ଗଣତନ୍ତ୍ର ପ୍ରତି କୁଠାରଘାତ ବୋଲି ବିଜେପି କର୍ମୀମାନେ ସୂଚନା ଦେଇଛନ୍ତି । ଏଥିରେ ଅରୁଣ କୁମାର ବେଜ, ମନୋଜ କୁମାର ସାସମଲ, ସମୀର କୁମାର ପାତ୍ର, ଫାଲଗୁନୀ ପାଣିଗ୍ରାହୀ, ପ୍ରଣବ ପଣ୍ଡା, ପ୍ରତାପ ସେନାପତି, ଜିତେନ୍ଦ୍ର ଗିରି, ହିମାଂସୁ ମହାନ୍ତି, ଜୟନ୍ତ ପାତ୍ର, ଦେବ ଜେନା, ରବିନାରାୟଣ ସିଂ, ତପନ ବିଶ୍ୱାଳ, ବଂକବିହାରୀ ଦାସ, ନିର୍ମାଳା ଗିରି, ଅମୂଲ୍ୟ ସେନାପତି, ବିଜୟ ସାମଲ, ଅକ୍ଷୟ ଜେନା, ବିକ୍ରମ ରାଉତ, ସଂଜିବ କୁମାର ରାଉତ ପ୍ରମୁଖ ଧାରଣାରେ ବସିଥିଲେ ।

## କାଳୀମନ୍ଦିର ଦୁର୍ଗାପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର, ୦୫/୦୩ (ନି.ପ୍ର): ବାଲେଶ୍ୱରର କାଳୀମନ୍ଦିର ଦୁର୍ଗାପୂଜା କମିଟି ଓ ଚ୍ୟାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ରବୀନ୍ଦ୍ର କଲ୍ୟାଣ ମଣ୍ଡପ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ହରି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ଯୁବଶିଳ୍ପଦ୍ୟୋଗୀ ସଂଗ୍ରାମ ଦାସ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । କାଳୀମନ୍ଦିର ପୂଜା କମିଟିର ଏହିଭଳି ସାଧୁ ଉଦ୍ୟମ ବେଶ ପ୍ରସଂଶନୀୟ ବୋଲି କହିବା ସହ ଏହିଭଳି ଶିବିର ରାଜ୍ୟରେ ରକ୍ତର ଅଭାବ ପୂରଣରେ ସହାୟକ ହୋଇପାରିଛି ବୋଲି ଶ୍ରୀ ଦାସ ମତ ପ୍ରକାଶ କରିଥିଲେ । ଯୁବଦ୍ୟୋଗୀ ଅୟନ ସେନ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ ତଥା ନିୟମିତ ବ୍ୟବଧାନରେ ଏହିଭଳି ଶିବିର ଆୟୋଜନ ପାଇଁ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ ।

# ବିଜେପି ଘେରିଲା ଏସପି ଅଫିସ : ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଅଭିଯୋଗରେ ବିକ୍ଷୋଭ



ବାରିପଦା, ୦୫/୦୩ (ନି.ପ୍ର): ନବ ଦାସ ଗୁଳିକାଣ୍ଡ ଘଟଣାରେ ମାସେ ପୁରିଯାଇଥିଲେ ମଧ ହତ୍ୟାର କାରଣ ଉନ୍ମୋଚନ ହୋଇ ନପାରିବା କାରଣରୁ ଭୁବନେଶ୍ୱର ଠାରେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଥିବା ଅଭିଯୋଗରେ ବିଧାନ ସଭା ଘେରାଉ କରାଯାଇଥିବା ବେଳେ ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟକର୍ତାଙ୍କ ଉପରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ତଥା ଅମାନୁଷିକ ଭାବେ ଯୋଜନାବଦ୍ଧ ଆକ୍ରମଣ ଅଭିଯୋଗରେ ବିଭିନ୍ନ ଥାନାରେ ଦିଆଯାଇଥିବା ଏତଲାକୁ ରାଜ୍ୟ ସରକାରଙ୍କ ଚାପରେ ପୋଲିସ ପଂଜିକରଣ କରୁନଥିବା ବିରୋଧରେ ଆଜି ମୟୂରଭଂଜଜିଲ୍ଲା ବିଜେପି ପକ୍ଷରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବାସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ଗଣଧାରଣା ଓ ବିକ୍ଷୋଭ ସମାବେଶରେ ଜିଜେପି ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ, ସାରସକଣା ବିଧାୟକ ଡା. ବୁଢାନ ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡସାହି ବିଧାୟକ ସନାତନ ବିଜୁଳି, ଉଦଳା ବିଧାୟକ ଭାସ୍କର ମଢେଇ, ଉଦଳା ଏନଏସି ଚେୟାରମେନ ପ୍ରମିଳା ପଣ୍ଡା, ପୁରାତନ ଜିଲ୍ଲା ସଭାପତି ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ ଦାସ, ଜିଲ୍ଲା ଯୁବ ସଭାପତି ବଳରାମ ସାହୁ, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦେବ ବ୍ରତ ସାମଲ, ମହିଳା ମୋର୍ଚ୍ଚା ସଭାନେତ୍ରୀ ସରୋଜିନୀ କିସ୍କୁ, ରାଜ୍ୟ କାର୍ଯ୍ୟକାରିଣି ସଦଶ୍ୟ ନିହାର ମୋଦୀ, ଶୋଭାବତୀ ଓତା, ସୁମନ ସିଂ, ସୁଜାତା ମୁର୍ମୁ, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ମାନସ ଦତ ପ୍ରମୁଖ ବହୁସଂଖ୍ୟାରେ ବିଜେପି ନେତା ଓ କର୍ମୀ ଉପସ୍ଥିତ ରହି ରାଜ୍ୟରେ ସାଶକ ଦଳର ଇସାରାରେ ପୋଲିସ କାର୍ଯ୍ୟ କରୁଥିବାରୁ ଆଇନଶୃଙ୍ଖଳା ଭୁଷୁଡି ପଡିଛି ବୋଲି ଅଭିଯୋଗ ଆଣି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ତେବେ ବିକ୍ଷୋଭକାରୀଙ୍କୁ ଅଟକାଇବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିବାର ଦେଖାଯାଇଥିଲା ।

## ଭ୍ରଷ୍ଟାଚାର ଶାସନ ବିରୋଧରେ ବିଜେପିର ମୌନ ଧାରଣା



ବସ୍ତା, ୦୫/୦୩ (ନି.ପ୍ର): ଓଡିଶା ସରକାରଙ୍କ ମନରେଗାରେ ଦୁର୍ନିତି ପାଇଖାନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଅର୍ଥକମିସନଙ୍କ ଟଙ୍କା ହଡପ ଏବଂ ଆଇନଶୃଙ୍ଖଳା ପରିସ୍ଥିତ ବିପର୍ଯ୍ୟସ୍ତ ବିରୁଦ୍ଧରେ ରାଜ୍ୟ ବିଜେପି ତରଫରୁ ଆଜି ସାରା ରାଯ୍ୟରେ ଭ୍ରଷ୍ଟାଚାର ଦିବସ ରୁପେ ବିଜେପି ତରଫରୁ ପାଳନହେଉଥିବା ବେଳେ ବସ୍ତା ବିଜେପି ତରଫରୁ ବସ୍ତା ବ୍ଲକ ସମ୍ମୁଖରେ ମଣ୍ଡଳ ସଭାପତି ରଞ୍ଜନ କୁମାର ମାହାନ୍ତିଙ୍କ ନେତୃତ୍ୱରେ ମୁହଁରେ କଳାକନା ବାନ୍ଧି ଧାରଣା ଦେଇଥିଲେ । ଏହି ଧାରଣାରେ ଜିଲ୍ଲା କୃଷକମୋର୍ଚ୍ଚା ର ସାଧାରଣ ସଂପାଦକ ସୂର୍ଯ୍ୟନାରାୟଣ ସାହୁ, ବରିଷ୍ଠ ବିଜେପି ନେତା ଆଡଭୋକେଟ ପରେଶ କୁମାର ବେହେରା, ରବିନ୍ଦ୍ର କୁମାର ଦାସ, ଦୀନକୃର୍ଷ୍ଣ ବେହେରା, ମନୋଜ ସାମଲ, ମିଡିଆ ସଂଯୋଜକ ଦିବାକର ରାଉତ, ରବିନାରାୟଣ ଦାସ, ଆକାଶ ବେହେରା, ପ୍ରମୁଖ ଯୋଗ ଦେଇଥିଲେ ।

## ଧର୍ମପରାୟଣା ମହିଳାଙ୍କ ଦେହାନ୍ତ



ବସ୍ତା, ୦୫/୦୩ (ନି.ପ୍ର): ବସ୍ତା ବ୍ଲକ ବ୍ରାହ୍ମଣଦା ପଞ୍ଚାୟତ ବ୍ରାହ୍ମଣଦା ଗ୍ରାମର ସ୍ୱର୍ଗତ ତ୍ରିଲୋଚନ ବୁଗୁଡିଙ୍କ ସହଧର୍ମିଣୀ ସମାଜସେବୀକା ସୀତାମଣୀ ବୁଗୁଡି(୮୯) ବର୍ଷରେ ରବିବାର ମୃତ୍ୟୁବରଣ କରିଛନ୍ତି । ସେ ଜଣେ ଧର୍ମପରାୟଣ ମିଷ୍ଟଭାଷି ପରୋପକାରୀ ମହିଳା ଭାବେ ଉକ୍ତ ଅଞ୍ଚଳରେ ବେଶ ପରିଚିତଥିଲେ । ହଠାତ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଡାକ୍ତର ଖାନାକୁ ନେବା ପୁର୍ବରୁ ତାଙ୍କ ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ପଞ୍ଚାୟତସଭାପତି ନିଗମାନନ୍ଦ ଗିରି, ବିଜେଡି ରାଜ୍ୟ ସାଧାରଣ ସଂମ୍ପାଦକ ଶ୍ୟାମାପ୍ରସାଦ ବେହେରା, ସମାଜସେବୀ ଶଙ୍କର କୁମାର କର, ବିଜେଡି ବ୍ଲକସଭାପତି ଅନିଲକୁମାର ମହାନ୍ତି, ସାମ୍ବାଦିକ ଶିରିସ ମହାନ୍ତି, ସାମ୍ବାଦିକ ବିଜୟକୁମାର ଭୂୟାଁ, ସାମ୍ବାଦିକ ଉମାକାନ୍ତ ମହାନ୍ତି, ସାମ୍ବାଦିକ ଶୁସାନ୍ତ ପ୍ରଧାନ, ଜିଲ୍ଲାପରିଷଦ ବିର୍ଷ୍ଣୁପ୍ରିୟା ବୁଗୁଡି, ସଞ୍ଜୟ ବୁଗୁଡି ଅଜିତ କୁମାର ଭୂୟାଁ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ । ପ୍ରକାଶ ଥାଉକି ଯୁବ ସମାଜ ସେବୀ ଉଜ୍ଜ୍ୱୋଳ ବୁଗୁଡିଙ୍କ ମା ସୀତାମଣୀ ଅଟନ୍ତି ।

## ପିଲାଙ୍କ ସହ ଭୋଜନ ସମେତ କ୍ରୀଡା ଛାତ୍ରାବାସରେ ଟିଭି ଲଗାଇଲେ ୫ଟି ସଚିବ

### ପରିବେଶ ସୁରକ୍ଷା ପାଇଁ ପଲିଥିନ ବ୍ୟବହାର ରୋକିବାକୁ ପରାମର୍ଶ



ବାରିପଦା, ୦୫/୦୩ (ନି.ପ୍ର): ଗତ ମାର୍ଚ୍ଚ ୨ ଏବଂ ୩ ତାରିଖ ଦିନ ରାଜ୍ୟ ସରକାରଙ୍କ ୫ଟି ସଚିବଙ୍କ ମୟୂରଭଂଜ ଗସ୍ତ ଅବସରରେ ରାଇରଙ୍ଗପୁର ଠାରେ ଅବସ୍ଥିତ ଅନ୍ୱେଷା ହଷ୍ଟେଲରେ ଆଦିବାସୀ ପିଲାମାନଙ୍କ ସହିତ ରାତ୍ରି ଭୋଜନ କରିବା ସହିତ ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିବା ସହିତ ଏହାର ପ୍ରତିକାର ପାଇଁ ସରକାରୀ ସ୍ତରରେ ବ୍ୟବସ୍ଥା କରାଯିବା ପାଇଁ ପ୍ରତିଶୃତି ଦେଇଥିଲେ । ସେହିଭଳି ୩ ତାରିଖ ଦିନ ବାରିପଦା ଗସ୍ତ ଅବସରରେ ବାରିପଦା ଷ୍ଟାଡିୟମ ପରିଦର୍ଶନ କଲାବେଳେ ୫ଟି ସଚିବ ସ୍ଥାନୀୟ କ୍ରୀଡ଼ା ଛାତ୍ରାବାସରେ ଅନ୍ତେବାସୀଙ୍କ ସହିତ ସକାଳର ଜଳଖିଆ ଖାଇବା ସହ ପିଲାମାନଙ୍କ ସହିତ ବାର୍ତାଳାପ ପରେ ସେମାନଙ୍କର ଆଗ୍ରହ ଏବଂ ଅଭିଯୋଗ ଶୁଣି ଏକ ବଡ ସ୍ମାର୍ଟ ଟିଭି ଅପରାହ୍ନରେ ବାରିପଦା କ୍ରୀଡା ଛାତ୍ରାବାସରେ ଲଗାଇବାକୁ ପରାମର୍ଶ ଦେବା ପରେ ତତ୍‌କ୍ଷଣାତ ଅପରାହ୍ନରେ ଛାତ୍ରାବାସରେ ଟିଭି ଲାଗିଗଲା ପରେ ଛାତ୍ରାବାସର ସମସ୍ତ ପିଲା ଖୁସି ଜାହିର କରିବା ସହିତ ମାନ୍ୟବର ୫ଟି ସଚିବଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ସେହିପରି ଐତିହାସିକ ଶୈବପୀଠ ମାଣତ୍ରି ପରିଦର୍ଶନରେ ଯାଇଥିବା ବେଳେ ସ୍ଥାନୀୟ ଲୋକ ଏବଂ ସେବାୟତଙ୍କ ସହ ଆଲୋଚନା ବେଳେ ବହୁ ପଲିଥିନ ବ୍ୟବହାର ହେଉଥିବା ଏବଂ ପଡିଥିବା ଦେଖି ପରିବେଶ ସୁରକ୍ଷା ପାଇଁ ପଲିଥିନ ବ୍ୟବହାର ଉପରେ ରୋକ ଲଗାଇବାକୁ ପରାମର୍ଶ ଦେଇଥିଲେ । ଏ ସବୁ ବାବଦରେ କିଛି ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ ଭାଇରାଲ ହେବାରେ ଲାଗିଛି ।

# ବିଜୁ ଜୟନ୍ତୀରେ ବିଜେଡିରେ ଫାଟ : ପୃଥକ ପୃଥକ ଭାବେ ଜୟନ୍ତୀ ପାଳନ କଲେ ସନ୍ତୋଷ ଓ ଶୁଭେନ୍ଦୁ

ନୀଳଗିରି, ୦୫/୦୩ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀରେ କିଛି ମାସ ଧରି ବିଜେଡିରେ ଗୋଷ୍ଠୀ କନ୍ଦଳ ଲାଗିଥିବା ବେଳେ ଏବେ ଭକ୍ତ ଘଟଣା ଆଜି ପଦାକୁ ଆସିଛି । ଓଡ଼ିଶାର ପ୍ରବାଦ ପୁରୁଷ ସ୍ୱବିଜୁ ପଟ୍ଟନାୟକଙ୍କ ୧୦୭ତମ ଜନ୍ମ ଜୟନ୍ତି ବିଜୁ ଜନତା ଦଳ ପକ୍ଷରୁ ପାଳିତ ହେଉଥିବା ବେଳେ ଏବେ ପୃଥକ ପୃଥକ ଭାବେ ଦଳ ପକ୍ଷରୁ କରାଯିବା ନେଇ ଦଳର ଗୋଷ୍ଠୀ କନ୍ଦଳକୁ ପଦାରେ ପକାଇଛି । ନିର୍ବାଚନ ମଣ୍ଡଳୀର ବିଜେଡିର ଟାଣୁଆ ନେତା ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ବିଜୁ ବାବୁଙ୍କରର ୧୦୭ତମ ବିଜୁ ଜୟନ୍ତୀ ନୀଳଗିରି କେ.ସି. ହାଇସ୍କୁଲ ପଡ଼ିଆରେ ମହାସମାରୋହରେ ପାଳନ କରାଯାଇଥିବା ବେଳେ ଏପଟେ ରାଜ୍ୟ ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ ଶତାଧିକ ବିଜୁ ପ୍ରେମୀଙ୍କୁ ନେଇ ଏକ ବିରାଟ ସାଇକେଲ ଶୋଭାଯାତ୍ରାରେ ସଜନାଗଡ଼ ଚଣ୍ଡି ମନ୍ଦିରରୁ ବାହାରି ନୀଳଗିରି ଜଗନ୍ନାଥ ମନ୍ଦିର ହୋଇ ବାଇପାସ ଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ନୀଳଗିରି ମେଡିକାଲରେ ରୋଗୀଙ୍କୁ ଫଳ ବଂଟନ କରିଥିଲେ । ଏହି ଅବସରରେ ଏନ.ଏ.ସି.ର ଅଧକ୍ଷା ଅମ୍ବିକା ଦାସ, ନୀଳଗିରି ବ୍ଲକ ସଭାପତି ବିଜୟ ଲେଙ୍କା, ଏନ.ଏ.ସି.ର ଏସ.ସି. ସେଲର ସଭାପତି ଶରତ ଦାସ, ଜଳଧର ନାୟକ, ଗେଟମ ମୁଦୁଲି, ଉଦୟ ଜ୍ୟୋତି ମହାନ୍ତି, ରମେଶ ବାଗ, ରମେଶ ସିଂ, ସମେତ ବହୁ ବିଜୁପ୍ରେମି ସାମିଲ ଥିଲେ । ଏପଟେ ସନ୍ତୋଷ ଖଟୁଆଙ୍କ ନେତୃତ୍ୱରେ ଏକ ବିରାଟ ଶୋଭାଯାତ୍ରାରେ ନୀଳଗିରରି ଜଗନ୍ନାଥ ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲେ । ବାଇପାସ ଠାର ଥିବା ବିଜୁବାବୁଙ୍କ ପ୍ରତିମୂର୍ତିରେ ସନ୍ତୋଷ ଖଟୁଆ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ କେ.ସି. ହାଇସ୍କୁଲ ପଡ଼ିଆରେ ଆୟୋଜିତ ସମାରୋହରେ ସନ୍ତୋଷ ଖଟୁଆଙ୍କ ସଭାପତିତ୍ୱରେ ବିଜୁ ଜୟନ୍ତି ସମାରୋହ ଆରମ୍ଭ କରାଯାଇଥିଲା । ଏହି ସମାରୋହରେ ଶତାଧିକ ବିଜୁପ୍ରେମୀ ଉପସ୍ଥିତ ଥିବା ବେଳେ ମଂଚରେ ବାବୁଲା ପଟ୍ଟନାୟକ, ଆଲୋକ ସାହୁ, ଅମର ପଟ୍ଟନାୟକ, ତାପସ ପରିଡ଼ା, ଗତିକୃଷ୍ଣ ନନ୍ଦ, ଶୁଭଲକ୍ଷ୍ମୀ ମାଝୀ, ଔପଦା ବ୍ଲକ ଅଧକ୍ଷା, ଶିଶିର କୁମାର ରାଉତ, କୃତିବାସ ବେହେରା, ରବିନ୍ଦ୍ର ପରିଡ଼ା, ପ୍ରତୀକ୍ଷା ସିଂ, କମଳାମଣି ପରିଡ଼ା, ସମେତ ବହୁ ମଂଚାସୀନ ପଦାଧିକାରୀ ବିଜୁବାବୁଙ୍କ ଜୀବନ କାହାଣୀ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ବିଜୁ ଜନତା ଦଳ ଏକ, ଏଥିରେ କୌଣସି ଫାଟ ନାହିଁ । ମନାନ୍ତର ଥାଇପାରେ । ଏଥିରେ କୌଣସି ଫରକ ପଡ଼ିବ ନାହିଁ ବୋଲି ସନ୍ତୋଷ ଖଟୁଆ ପ୍ରକାଶ କରିଥିବା ବେଳେ ବିଜୁ ଜନତା ଦଳ ଏକ ଆମେ ସବୁ ବିଜୁ ପରିବାରର ସଦସ୍ୟ ବୋଲି ପ୍ରକାଶ କରିଛନ୍ତି । ବିଜୁ ଜୟନ୍ତୀରେ ବିଜେଡିର ପୃଥକ ପୃଥକ ଭାବେ ବିଜୁ ଜୟନ୍ତି ପାଳନ ନେଇ ବିଜୁ ବାବୁ କାହାର ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ମାର୍କୋଣାରେ ୯ମ କବି କବିତା....

ପୂର୍ଣ୍ଣଚନ୍ଦ୍ର ମହାଲିକ୍ ଅଧକ୍ଷତା କରିଥିଲେ । ସୃଜନ ଶ୍ରୀକ୍ଷେତ୍ରର ସଚିବ ତଥା ଓଡିଶା ସାହିତ୍ୟ ଏକାଡେମୀର ବାଲେଶ୍ୱର ଜିଲ୍ଲା ସଦସ୍ୟ କବି ଭରତ ଚନ୍ଦ୍ର ଦାଶ ସ୍ୱାଗତ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କବି ତଥା ପୁରୋଦୃଷ୍ଟିର ସଂପାଦକ ଶରତ ଚନ୍ଦ୍ର ମହାପାତ୍ର ଯୋଗଦେଇ କବି ସର୍ବଦା ଆନନ୍ଦର ସନ୍ଧାନୀ ବୋଲି କହିବା ସହ କବିର ନମ୍ରତା ଓ ବାଗ୍ମିତା ହିଁ ସମସ୍ତଙ୍କୁ ବାନ୍ଧି ରଖିଥାଏ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଅଧାପକ କୀର୍ତ୍ତନ ବିହାରୀ ଦାଶ ଯୋଗଦେଇ ସ୍ୱମତ ପୋଷଣ କରିଥିଲେ । ମୁଖ୍ୟଅତିଥି କବି ଶରତ ଚନ୍ଦ୍ର ମହାପାତ୍ର କବି ଭରତ ବେହେରା, କବି ସୈରିନ୍ଧ୍ରୀ ସାହୁ, କବି ସୁନିଲ ମିଶ୍ର ଓ କଥାକାର ଚନ୍ଦ୍ରମୋହନ ମହାପାତ୍ରଙ୍କୁ ସାଲ, ପ୍ରଶସ୍ତି ପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଯଥା କ୍ରମେ ସୃଜନ ଶ୍ରୀକ୍ଷେତ୍ର ସମ୍ମାନ, କବି କବିତା ମହାକୁମ୍ଭ ସମ୍ମାନ, କବି କବିତା ମହାକୁମ୍ଭ କବିତା ସମ୍ମାନ ଓ କବି କବିତା ମହାକୁମ୍ଭ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା । ସମ୍ବର୍ଦ୍ଧିତ ପ୍ରତିଭାମାନେ ସମ୍ବର୍ଦ୍ଧନାର ଉତ୍ତର ରଖିଥିଲେ । ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ହୁସେନ ରବି ଗାନ୍ଧୀ , କବି ଦିବ୍ୟ ସିଂହ ଦାସଅଧିକାରୀ ମୃତ୍ୟରେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । କବି ବିକାଶ କୁମାର ଶତପଥି ବେଦପାଠ କରିଥିଲେ । କବୀ ଗାୟତ୍ରୀ ଦାଶ ସ୍ୱାଗତ ସଂଗୀତ ଗାନ କରିଥିଲେ । ଶେଷରେ ଉତ୍କଳିକା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

### ମଝି ଆକାଶରେ ଯାତ୍ରୀଙ୍କ ଉପରେ....

ଲ୍ୟାଣ୍ଡ କରିଥିଲା । ତେବେ ଉଡାଣ ସମୟରେ ମଝି ଆକାଶରେ ଆସିଥିଲା ଅଭିଯୋଗ । ଦିଲ୍ଲୀ ଡିଫେନ୍ସ କଲୋନୀରେ ରହୁଥିବା ଆର୍ଯ୍ୟ ଭୋରା ନାମକ ଜଣେ ଯୁବକ ନିଶାସକ୍ତ ଅବସ୍ଥାରେ ଅନ୍ୟ ଜଣେ ଯାତ୍ରୀଙ୍କ ଉପରେ ପରିଶ୍ରା କରିଥିବା ଅଭିଯୋଗ ହୋଇଥିଲା । ଦିଲ୍ଲୀ ଡିଫେନ୍ସ କଲୋନୀର ଆର୍ଯ୍ୟ ଭୋରା ଜଣେ ଛାତ୍ର । ସେ ଆମେରିକାର ଏକ ୟୁନିଭରସିଟିରେ ପଢୁଥିବା ଜଣାପଡିଛି । ବିମାନରେ ନିଶାସକ୍ତ ଅବସ୍ଥାରେ ଥିବା ଆର୍ଯ୍ୟ ଭୋରା ନିଜ ସିଟରେ ପରିଶ୍ରା କରିଦେଇଥିଲେ । ଫଳରେ ତାଙ୍କ ପାଖ ସିଟରେ ବସିଥିବା ଜଣେ ଯାତ୍ରୀ ପରିଶ୍ରାରେ ଓଦା ହୋଇଯାଇଥିଲେ ।

### ଐତିହାସିକ ଡାକୋଟା ବିମାନକୁ ....

ବିରତ୍ୱ ଓ ପରାକାଷ୍ଠା ର କାହାଣୀ । ଏହି ବିମାନରେ ବିଜୁ ବାବୁ, ତାଙ୍କ ପତ୍ନୀ ଜ୍ଞାନ ପଟ୍ଟନାୟକଙ୍କ ସହିତ ଇଣ୍ଡୋନେସିଆ ଯାଇ ସେଠାକାର ସ୍ୱାଧନତା ସଂଗ୍ରାମୀ ମାନଙ୍କୁ ଡଚ୍ ମାନଙ୍କ କବଳରୁ ମୁକ୍ତ କରି ଭାରତ ଆଣିଥିଲେ । ସେ କାହାଣୀ ଆଜି ସମସ୍ତେ ଜାଣନ୍ତି । କିନ୍ତୁ ଆଜିଠାରୁ ସେହି ଐତିହାସିକ ଘଟଣାର ଜୀବନ୍ତ ସାକ୍ଷୀ କୁ ଦେଖିବାର ସୁଯୋଗ ପାଇବେ ଓଡ଼ିଶା ବାସୀ, ଦେଶ ବାସୀ । ଏହି ଅବସରରେ ମୁଖ୍ୟ ମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏହି ବିମାନ ଏବେ ଯୁଗ ଯୁଗ ଧରି ଓଡ଼ିଆ ମାନଙ୍କୁ ସାହସ, ବିରତ୍ୱ ଓ ଦେଶ ପାଇଁ ସମର୍ପଣ ଭାବର ବାର୍ତ୍ତା ଦେଇ ଚାଲିବ । ବିଶ୍ୱ ବାସୀଙ୍କ ସମ୍ମୁଖରେ ଓଡ଼ିଶାର ମର୍ଯ୍ୟାଦାକୁ ପ୍ରତିଷ୍ଠିତ କରିବ ।

# ଜିଲ୍ଲା ସ୍ତରୀୟ ସମବାୟ ବ୍ୟାକିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ



ବାରିପଦା, ୦୫/୦୩ (ନି.ପ୍ର): ଆଜି ମୁର୍ଗାବାଡ଼ି ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ସମବାୟ ବିଭାଗ ଓ ମୟୁରଭଂଜ କେନ୍ଦ୍ର ସମବାୟ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ସମବାୟ ବ୍ୟାକିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୟୁରଭଂଜ ଜିଲ୍ଲାପାଳ ତଥା ଜିଲ୍ଲା ସମବାୟ ସମିତି ସମୂହର ମୁଖ୍ୟ ନିବନ୍ଧକ ବିନୀତ ଭରଦ୍ୱାଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । କରଂଜିଆ ଉପଖଣ୍ଡ ସମବାୟ ସମିତି ସମୂହର ସହ ଉପ ନିବନ୍ଧକ କାର୍ଯ୍ୟକ୍ରମର ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖିଥିବା ବେଳେ, କୃଷକ ମାନଙ୍କୁ ଆର୍ଥିକ ସଶକ୍ତି କରଣ କରିବା ସହ ସମିତି ସଦସ୍ୟ ମାନଙ୍କୁ ବ୍ୟାକିଙ୍ଗ ସେବା ଉପଲବ୍ଧ କରାଇବା ସହ ଉଚିତ ସମୟ ରେ ଚାଷୀଙ୍କୁ ଋଣ ଯୋଗାଇ ଦେବା ସମ୍ବନ୍ଧରେ ସମବାୟ ବ୍ୟାଙ୍କ ମାନେ ଯତ୍ନବାନ ହେବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲପାଳ କିଛି ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟକ୍ତି ବିଶେଷଙ୍କୁ ବ୍ୟାଙ୍କ ମଂଜୁର କରିଥିବା ଋଣ ଅର୍ଥ ଚେକ ଆକାରରେ ପ୍ରଦାନ କରିଥିଲେ ।

## ବଳଭଦ୍ରପୁରରେ ସୂଚନା ଅଧିକାର ଆଇନ ତାଲିମ ଶିବିର



ଉଦଳା, ୦୫/୦୩ (ନି.ପ୍ର): ଉଦଳା ବ୍ଲକର କୁଣ୍ଡାବାଇ ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମରେ ଗଢ଼ି ଉଠିଥିବା ଘରୋଇ ବିଦ୍ୟାଳୟ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଗତ ଫେବୃଆରୀ ୨୫ ତାରିଖ ଶନିବାର ଦିନ ସୂଚନା ଅଧିକାର ଆଇନ ସମ୍ପର୍କରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ସାମାଜିକ କର୍ମୀ ବିଜୟ କୁମାର ମିଶ୍ର ଦେଶ ଗଠନରେ ସୂଚନା ଅଧିକାର ଆଇନ କିପରି କାର୍ଯ୍ୟ କରୁଛି ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିବା ସହ ଏଣିକି ଆମ ବିଦ୍ୟାଳୟରେ ବିଭିନ୍ନ ପ୍ରକାର ଆଇନ ସମ୍ପର୍କରେ ତାଲିମ ପ୍ରଦାନର ବ୍ୟବସ୍ଥା କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ । ପ୍ରଶିକ୍ଷକ ଭାବରେ ଜନ ଜାଗୃତି ମଞ୍ଚର ସଦସ୍ୟ ସୁବ୍ରତ କୁମାର ମହାନ୍ତି ସୂଚନା ଅଧିକାର ଆଇନ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଜନସୂଚନା ଅଧିକାରୀଙ୍କୁ ସୂଚନା ମାଗିବା ପାଇଁ ନିର୍ଦ୍ଧାରିତ ଫର୍ମ କିପରି ପୂରଣ କରାଯାଏ ଏବଂ ଏହା ସହିତ କେଉଁ କେଉଁ କାଗଜ ପତ୍ର ଯୋଡା ଯାଏ ଏବଂ ସୂଚନା କେଉଁ ପଦ୍ଧତିରେ ମଗାଯାଏ ସେ ସମ୍ପର୍କରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ଅଭିଭାବକ ମାନେ ଏହି ତାଲିମ ନେଇଥିଲେ । ଶେଷରେ ରାମଚନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାସ୍ତରୀୟ ଆଲୁମନି ସମ୍ମିଳନୀ ଓ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ



ବାରିପଦା, ୦୫/୦୩ (ନି.ପ୍ର): ସ୍ଥାନୀୟ ଭଂଜପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଜିଲ୍ଲା ସ୍ତରୀୟ ଆଲୁମନି ସମ୍ମିଳନୀ ଓ ଫୋଟୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ସମସ୍ତ ୨୬ଟି ବ୍ଲକର ସଫଳ ରୂପାୟନ କରିଥିବା ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ମାନେ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟ ଗୁଡିକର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ଓ ଶିକ୍ଷୟତ୍ରୀ ତଥା ପୂର୍ବତନ ଛାତ୍ରଛାତ୍ରୀ ନିଜ ନିଜ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମରେ କରିଥିବା ପ୍ରକଳ୍ପ ଗୁଡିକର ଫୋଟୋ ଓ ଭିଡ଼ିଓ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନବ କିଶୋର ଗିରି ଯୋଗଦେଇ ଥିବା ବେଳେ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଡ଼. ପ୍ରଶାନ୍ତ କୁମାର ମହାନ୍ତି, ଗୌତମ ପାତ୍ର, ନାଫାଲ ମୁଣ୍ଡା, ମାଳତୀ ଟୁଡୁ ଓ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଂଜନ ଆଚାର୍ଯ୍ୟ, ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ଛାତ୍ର କ୍ଷେତ୍ର ମୋହନ ପଣ୍ଡା ଓ ପୂର୍ଣ୍ଣଚନ୍ଦ୍ର ପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସନ୍ତୋଷ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ମୋ ସ୍କୁଲ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷକ ଜଗନ୍ନାଥ ସାହୁ ମଂଚ ପରିଚାଳନା କରିଥିବାବେଳେ ସୋମନାଥ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର ଶିକ୍ଷା, ମୟୁରଭଞ୍ଜର ଯୋଜନା ସଂଯୋଜକ ଓ ମୋ ସ୍କୁଲ ଅଭିଯାନ ଦାୟିତ୍ୱରେ ଥିବା ମନୋଜ ଶର୍ମାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପବନ କୁମାର ସାହୁ, ଗଣେଶ ବେହେରା, ନମିତା ମହାନ୍ତ, ରଣଜିତ ରଣା, ହରିପଦ ବେହେରା, ଗୌରାଙ୍ଗ ଦେ ଓ ଦିଲ୍ଲୀପ ଘୋଷ ପ୍ରମୁଖ ସହାୟତା କରିଥିଲେ ।

# ଋତୁ ନୁହେଁ ବସନ୍ତ ଏକ ଚେତନା : ରସ-ରୂପ-ସୁଗନ୍ଧର ରାଗିଣୀ

ଜଳେଶ୍ୱର, ୦୫/୦୩ (ନି.ପ୍ର): ସ୍ରଷ୍ଟାଙ୍କ ସୃଷ୍ଟିରେ ଷଡଋତୁର ଆବର୍ତ୍ତନ ମଧ୍ୟରେ ବସନ୍ତ ବୈଭବର ତୁଳନା ନାହିଁ। କାରଣ ବସନ୍ତ ଏକ ଚେତନା, ଏକ ଦ୍ୟୋତନା ଓ ସୌନ୍ଦର୍ଯ୍ୟର ଗନ୍ତାଘର। ବସନ୍ତର ଏହି ଅପରୂପ ସୁଷମା ଯୁଗେ ଯୁଗେ କବି, ଭାବୁକ ମାନଙ୍କୁ ପ୍ରଲୁବ୍ଧ କରି ଆସିଛି ବୋଲି ଆଜି ବକ୍ତାମାନେ ସାରସ୍ୱତ ବସନ୍ତ ଉତ୍ସବରେ ମତବ୍ୟକ୍ତ କରିଛନ୍ତି । ପ୍ରତିବର୍ଷ ଭଳି ଚଳିତ ବର୍ଷ ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ସାରସ୍ୱତ ବସନ୍ତ ଉତ୍ସବ ଆଜି ଭଂଜଶ୍ରୀ ବିହାରରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କବି ବ୍ରଜେନ୍ଦ୍ରନାଥ ଗିରି ସଭାପତିତ୍ୱ କରିଥିଲେ। ପଶ୍ଚିମବଂଗର ପ୍ରକ୍ଷାତ କବି ଭବେଶ ବସୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଋତୁରାଜ ବସନ୍ତ ସୃଷ୍ଟିରେ ଆଣେ ଉଦ୍ଦିପନା, ସମସ୍ତେ ହୁଅନ୍ତି ମସଗୁଲ । ସେହି ବସନ୍ତ ଋତୁରେ ସାରସ୍ୱତ ସାଧକମାନେ ନବସର୍ଜନା ସୃଷ୍ଟି କରୁଥିବା ବେଳେ ଜନମାନସରେ ମଣିଷ ମଧ୍ୟରେ ବିଶ୍ୱାସ, ଆତ୍ମ ସନ୍ତୋଷ, ପରୋପକାର ଓ ଅନ୍ୟପ୍ରତି କର୍ତ୍ତବ୍ୟ ସାଧନ କରିବା ଲାଗି ବସନ୍ତ ଶକ୍ତି ଦେଇଥାଏ ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ଯୋଗ ଦେଇ ଯୁଗେ ଯୁଗେ ପ୍ରକୃତି ତାର ରୂପ ଶୋଭାରେ ମାନବ ସମାଜକୁ ଆନନ୍ଦ ଦେଇ ଆସିଛି । ସଂସ୍କୃତ କାବ୍ୟ ସାହିତ୍ୟରେ ବସନ୍ତର ବୈଭବକୁ ଆଧାର କରି ବସନ୍ତର ଚିତାକର୍ଷକ ଚିତ୍ର ବର୍ଣ୍ଣନା କରିଥିଲେ। ସମ୍ମାନୀତ ଅତିଥିଭାବେ ଝାଡଖଣ୍ଡର ପ୍ରସିଦ୍ଧ କବି ସୁଧିର ମାଝି ଯୋଗ ଦେଇ ଭଲ ପାଇବା ବସନ୍ତର ଏକ ମହନୀୟ ଗୁଣ । ପ୍ରେମହି ସତ୍ୟ ଓ ଭଗବାନ ଓ ତାର ତୁଳନା ନ ଥିବା କହିଥିଲେ । ପ୍ରଫେସର ଡ. ରାଧାଗୋବିନ୍ଦ କୋଇଲା ସମ୍ମାନୀତ ବକ୍ତାଭାବେ ଯୋଗ ଦେଇ ଆଧୁନୀକ କବିତାରେ ବସନ୍ତ ତାର ଆଧିପତ୍ୟ ରକ୍ଷାକରି ସମସ୍ତଙ୍କୁ ବିମୋହିତ କରୁଥିବା ବେଳେ କବି ସୁକ୍ଷ୍ମଦୃଷ୍ଟିରେ ତାର କର୍ତ୍ତବ୍ୟ ପ୍ରତିପାଦନ କରିଥାଏ ବୋଲି କହିଥିଲେ । ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ ଭାରତୀୟ ସମାଜ ଓ ସାହିତ୍ୟରେ ବସନ୍ତ ପ୍ରକୃତିର ପ୍ରଭାବ ଅଖଣ୍ଡ ବୋଲି କହିଥିଲେ।

## ସ୍କର୍ପିଓ ଧକ୍କାରେ ଅବସରପ୍ରାପ୍ତ ଶିକ୍ଷକ ମୃତ, ଉତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

ଖଇରା, ୦୫/୦୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ବାଉଁଶଗଡିଆ ପଞ୍ଚାୟତ ଅଧୀନ ବରପଦା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗଣେଷ ପ୍ରସାଦ ରାଉତ(୬୫) ରବିବାର ଅପରାହ୍ନରେ ଏକ ସ୍କର୍ପିଓ ଧକ୍କାରେ ପ୍ରାଣ ହରାଇଛନ୍ତି । ରୁସ୍ତମପୁର ହାଇସ୍କୁଲରୁ ଅନ୍ୟୂନ ୫ବର୍ଷ ତଳେ ଅବସସରଗ୍ରହଣ କରିଥିବା ଶିକ୍ଷକ ରାଉତ ଗ୍ରାମର ରବିନ୍ଦ୍ର ବାରିକ(୨୮)ଙ୍କୁ ନିଜ ସ୍କୁଟିରେ ବସାଇ ବରପଦାରୁ କୁପାରୀ ବଜାର ଯାଉଥିଲେ । ରାସ୍ତାର ପ୍ରଫୁଲ୍ଲ ବେହେରାଙ୍କ ଘର ନିକଟରେ ବିପରିତ ଦିଗରୁ ଆସୁଥିବା ଜୟନ୍ତ ମହାପାତ୍ରଙ୍କ ସ୍କର୍ପିଓ(ଓଡି୦୨କେ୦୦୨୨) ଧକ୍କା ଦେଇ ବେଶ କିଛି ଦୂର ଘୋଷାରି ନେଇ ଡ୍ରେନ ଭିତରେ କଚାଡି ଦେବା ଯୋଗୁଁ ଘଟଣାସ୍ଥଳରେ ଗଣେଷ ପ୍ରଣ ହରାଇଥିଲେ । ସେହିଭଳି ପଛସିଟରେ ବସିଥିବା ରବିନ୍ଦ୍ରଙ୍କୁ ଚିକିତ୍ସାପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରାଯାଇଛି । ମୃତକଙ୍କୁ କ୍ଷତିପୂରଣ ଦେବା ସହ ଅଭିଯୁକ୍ତ ଭାବେ ଗାଡି ଚଳାଉଥିବା ଜୟନ୍ତ ମହାପାତ୍ରଙ୍କ ପୁଅ ସ୍ମୃତିରଞ୍ଜନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବୀରେ ବରପଦା ଗ୍ରାମବାସୀ ଓ କୁପାରୀ ଡ୍ରାଇଭର ମହାସଂଘର ସଭ୍ୟ ମାନେ ଧାରଣାରେ ବସିଥିଲେ। ପରେ ଖଇରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ନୂତନ କାର୍ଯ୍ୟକାରିଣୀ କମିଟି ଗଠିତ

ବାଲେଶ୍ୱର, ୦୫/୦୩ (ନି.ପ୍ର): ବରିଷ୍ଠ ନାଗରିକ ମଞ୍ଚର ଏକ ବୈଠକ ଅନୁଷ୍ଠିତ ସହ ଆସନ୍ତା ତିନିବର୍ଷ ପାଇଁ ନୂତନ କାର୍ଯ୍ୟକାରୀ କମିଟି ଗଠିତ ହୋଇଯାଇଛି। ସର୍ବ ସମ୍ମତି କ୍ରମେ ମଞ୍ଚର ଚେୟାରମ୍ୟାନ ଜିଲ୍ଲାପାଳ, ବୈଦ୍ୟନାଥ ଷଡ଼ଙ୍ଗୀ ସଭାପତି, ଅନ୍ତର୍ଯ୍ୟାମୀ ପ୍ରଧାନ ଓ ସୀତାରାମ ପ୍ରଧାନ ଉପସଭାପତି, ଲକ୍ଷ୍ମୀଧର ବେହେରା ସାଧାରଣ ସମ୍ପାଦକ, ଦାମୋଦର ନାୟକ ସମ୍ପାଦକ, ଶରତ ଚନ୍ଦ୍ର ଦାଶ କୋଷାଧ୍ୟକ୍ଷଙ୍କ ସମେତ ଗୌରାଙ୍ଗ ପାଣିଗ୍ରାହୀ, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଲକ୍ଷ୍ମୀନାରାୟଣ ଘୋଷ ଓ ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖଙ୍କୁ ଏହି କମିଟିରେ ସ୍ଥାନିତ କରାଯାଇଛି। ଏଥି ମଞ୍ଚର ପରାମର୍ଶଦାତା ଭାବେ ଅବସରପ୍ରାପ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କମଳାକାନ୍ତ ବେହେରା, ବିଷ୍ଣୁପ୍ରସାଦ ମହାନ୍ତି, ଗୋପୀନାଥ ଦାଶ, ଡ. ପଦ୍ମଲୋଚନ ପାତ୍ର ଓ ବେଣୁଧର ସାହୁଙ୍କୁ ରଖାଯାଇଥିବା ବେଳେ ଯଶୋଦାନନ୍ଦନ ଆଶଙ୍କୁ ଅଫିସ୍ କୋଅର୍ଡ଼ିନେଟର ଦାୟିତ୍ୱ ଦିଆଯାଇଛି। ଏହି ବୈଠକରେ ବୈଦ୍ୟନାଥ ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ନବଗଠିତ କମିଟିର ଆଗାମୀ କାର୍ଯ୍ୟଧାରା ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ସମ୍ପାଦକ ଦାମୋଦର ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡି ପକ୍ଷରୁ ବାଲେଶ୍ୱରରେ ବିଜୁ ପଟ୍ଟନାୟକ ଜୟନ୍ତୀ



ବାଲେଶ୍ୱର, ୦୫/୦୩ (ନି.ପ୍ର): ବିଜେଡି ପକ୍ଷରୁ ଓଡ଼ିଶାର ବରପୁତ୍ର ଭୂତପୂର୍ବ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୭ ତମ ଜୟନ୍ତୀ ପାଳିତ ହୋଇଯାଇଛି।ଏନେଇ ସକାଳେ ସହରର ଡିଆଇସି ଛକସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରା ଯାଇଥିଲା। ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଏଥିରେ ଯୋଗଦେଇ ଓଡ଼ିଶାର ବିକାଶରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅବଦାନ ଓ ତାଙ୍କର ସ୍ୱପ୍ନ ସମ୍ପର୍କରେ ଆଲୋକପାତ କରିଥିଲେ। ଜନସାଧାରଣଙ୍କ ସାମଗ୍ରିକ ଉନ୍ନତି ଓ ଓଡ଼ିଶା ବିକାଶରେ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସାକାର କରିପାରିଛନ୍ତି ବୋଲି ବିଧାୟକ ଶ୍ରୀ ଦାସ ଏହି ଅବସରରେ ମତ ପ୍ରକାଶ କରିଥିଲେ। ବାଲେଶ୍ୱର ପୌର ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ, ସତ୍ୟ ଦାସ, ଯଯାତି ଦାସ, କାଉନସିଲର ରଞ୍ଜିତା ମହାପାତ୍ର, ମୀନା ମହାନ୍ତି, କାର୍ତ୍ତିକ ସାହୁ, ଶେଖ ଆୟୁବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏଥିରେ ଯୋଗଦେଇ ସ୍ୱର୍ଗତ ବିଜୁବାବୁଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଜେଡି ସଦର ଶାଖା ପକ୍ଷରୁ ସକାଳେ ବାରବାଟୀରୁ ପ୍ରଭାତଫେରୀ ବାହାରି ସହର ପରିକ୍ରମା କରିଥିଲା। ପରେ ଗାନ୍ଧୀସ୍ମୃତି ଭବନ ପରିସରରୁ ସାଇକେଲ ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ଅଂଚଳ ପରିକ୍ରମା ସହ ଡିଆଇସି ଛକ ନିକଟରେ ପହଞ୍ଚିଥିଲା। ବିଜୁ ପଟ୍ଟନାୟକ ଜୟନ୍ତୀ ଅବସରରେ ମୁଖ୍ୟ ଚିକିତ୍ସାଳୟର ରୋଗୀ, ରାଣୀପାଟଣା ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟ, ମିଶନ କମ୍ପାଉଣ୍ଡ ସ୍ଥିତ ଭିନ୍ନକ୍ଷମ ବିଦ୍ୟାଳୟ, ବଣିଆମନ୍ଦିର ସ୍ଥିତପ୍ରୟାସ ଦୃଷ୍ଟିହୀନ ବିଦ୍ୟାଳୟ ପ୍ରଭୃତିରେ ଛାତ୍ରଛାତ୍ରୀଙ୍କୁ ଫଳ, ବିସ୍କୁଟ ଓ ମିଷ୍ଟାନ୍ନ ବଣ୍ଟନ, ଚାନ୍ଦମାରୀ ପଡିଆ ସ୍ଥିତ ବୃଦ୍ଧାଶ୍ରମ ଏବଂ ବାଲିଆ କପିଳ ମୁନୀ ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ବଣ୍ଟନ କରାଯାଇଥିଲା । ସଂଧ୍ୟାରେ ଗାନ୍ଧୀ ସ୍ମୃତି ଭବନରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ବିଜେଡି ନେତାମାନେ ଯୋଗଦେଇ କଳିଙ୍ଗ ବୀର ବିଜୁ ପଟ୍ଟନାୟକଙ୍କ ଜୀବନାଦର୍ଶ ଓ ଆଧୁନିକ ଓଡ଼ିଶା ନିର୍ମାଣରେ ତାଙ୍କର ଅବଦାନକୁ ମନେ ପକାଇଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକସେବା ଦିବସ

ବାଲେଶ୍ୱର, ୦୫/୦୩ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବାଲେଶ୍ୱରରେ ପଞ୍ଚାୟତିରାଜ ଓ ଲୋକସେବା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର ଅଧ୍ୟକ୍ଷତା କରିବା ସହିତ ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବାଲେଶ୍ୱର ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟରେ ତୃଣମୂଳସ୍ତରୀୟ ବିକାଶ ପ୍ରକ୍ରିୟାରେ ବିଜୁବାବୁଙ୍କ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆଶାତୀତ ସଂସ୍କାର ଆଣିପାରିଥିବା ମତବ୍ୟକ୍ତ କରିଥିଲେ। ବିଜୁ ପଟ୍ଟନାୟକଙ୍କ ସୁଦୂରପ୍ରସାରୀ ଚିନ୍ତାଧାରା ଓଡ଼ିଶାର ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶରେ ବିଶେଷ ସହାୟକ ହୋଇପାରିଛି ବୋଲି ଶ୍ରୀ ପ୍ରଧାନ କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦ୍ଦେବ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ କାର୍ଯ୍ୟକାରୀ ପଞ୍ଚାୟତିରାଜ ବ୍ୟବସ୍ଥାର ଉପାଦେୟତା ଓ ବିଜୁ ବାବୁଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲାରେ ପଂଚାୟତିରାଜ ବ୍ୟବସ୍ଥାରେ କାର୍ଯ୍ୟକାରିତାର ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।

# ଶାନ୍ତିକାନନରେ କଥାକାର ବସନ୍ତ ଶତପଥୀଙ୍କ ଶ୍ରାଦ୍ଧୋତ୍ସବ ପାଳିତ



ବାଲେଶ୍ୱର, ୦୫/୦୩ (ନି.ପ୍ର): ଶାନ୍ତିକାନନରେ ବିଶିଷ୍ଟ କଥାକାର ବସନ୍ତ ଶତପଥୀଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ 'ଅକ୍ଷାଂଶ' ସଂପାଦକ ଡ. ହରିଶ୍ଚନ୍ଦ୍ର ବେହେରା ଓ ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ ବକ୍ତା ଭାବରେ ଯୋଗ ଦେଇ କଥାକାର ଶତପଥୀଙ୍କ ସାହିତ୍ୟ ସଂପର୍କରେ ଆଲୋଚନା କରିଥିଲେ। ନିଜ ସୃଷ୍ଟିରାଜିକୁ 'ବ୍ୟାଧିଗ୍ରସ୍ତ କଳ୍ପନାବିଳାସ ଓ ପ୍ରୟୋଗବାଦ ବିରୋଧରେ ବିପ୍ଳବ' ବୋଲି କହୁଥିବା ପ୍ରଖ୍ୟାତ କଥାକାର ବସନ୍ତ ଶତପଥୀଙ୍କ ରଚନାଶୈଳୀ ଅନନ୍ୟ ଓ ଅନବଦ୍ୟ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। ଅନ୍ୟତମ ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୟନ୍ତୀରେ ବିଜୁ ପଟ୍ଟନାୟକଙ୍କୁ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଲେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୦୫/୦୩ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜୟନ୍ତୀ ଅବସରରେ ବିଜୁ ପଟ୍ଟନାୟକଙ୍କୁ ଜୟନ୍ତୀରେ ଶ୍ରଦ୍ଧାଂଜଳି ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ।

# ବିଜୁ ଜନତା ଦଳର ଲୋକସେବା ଦିବସ ପାଳିତ



ଜଳେଶ୍ୱର, ୦୫/୩(ନି.ପ୍ର): ରାଜ୍ୟର ଅନ୍ୟତମ ବରପୁତ୍ର, ସ୍ୱାଭିମାନି ପୁରୁଷ, ଶ୍ରେଷ୍ଠ ବୈମାନିକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନନାୟକଙ୍କ ସ୍ୱପ୍ନ ସାକାର ହେଉଥିବା ବେଳେ ଏବେ ରାଜ୍ୟରେ ବିକାଶ ଧାରା ଉର୍ଦ୍ଧ୍ୱମୁଖୀ ବୋଲି ଆଜି ବିଜୁ ଜନତାଦଳର ପଂଚାୟତ ଓ ଲୋକସେବା ଦିବସ ଅବସରରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ ସଭାରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଜଳେଶ୍ୱର ଟାଉନହଲ ପଡିଆ ସମ୍ମୁଖରେ ଆୟୋଜିତ ଲୋକସେବା ଦିବସ ଅବସରରେ ଆୟୋଜିତ ସଭା ଦିଲ୍ଲିପ କୁମାର ସାମଲ ଓ ସୁରଜିତ ଘୋଷଙ୍କ ସଂଚାଳନାରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜଳେଶ୍ୱର ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇ ଗାଁକୁ କାମ, ମାଙ୍କୁ ସମ୍ମାନ ସ୍ଲୋଗାନ ସହିତ ମହିଳାଙ୍କ ବିକାଶ, ଗ୍ରାମାଞ୍ଚଳ ରାସ୍ତାଘାଟ, ଶିକ୍ଷା ପିଇବାପାଣି ଓ ଗରିବଲୋକଙ୍କ ଲାଗି ଅର୍ଥନୈତିକ ବ୍ୟବସ୍ଥା ଇତ୍ୟାଦି ବିଜୁ ବାବୁଙ୍କର ସ୍ୱପ୍ନ ଆଜି ସାକାର ହୋଇଛି । ରାଜ୍ୟର ବିକାଶ ଉର୍ଦ୍ଧ୍ୱମୁଖୀ ଥିବା ବେଳେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ସୁବର୍ଣ୍ଣରେଖା ଉପରେ ଗୋବରଘଟା-ଡିପିପୁର, ଚୁରମରା ସେତୁ ଟେଣ୍ଡର ସରିଛି । ଜଳେଶ୍ୱର ଓ ଚାଲନ୍ତିଠାରେ ୨ଟି ଆରଓବି, ରାଇବଣିଆ ଦୁର୍ଗର ବିକାଶ ଲାଗି ୧୮ କୋଟି ବ୍ୟୟବରାଦ ମଧ୍ୟରୁ ୬ କୋଟି ମଂଜୁର, ମହିଳା ସଶକ୍ତିକରଣ, ଜଳେଶ୍ୱରକୁ ସବ୍‌ଡିଭିଜନ ଲାଗି ପ୍ରଚେଷ୍ଟା ଏବଂ ବିଭିନ୍ନ ରାସ୍ତାଘାଟର ବିକାଶ ସଂପର୍କରେ ସୂଚନା ଦେଇଥିଲେ । ରାଜ୍ୟର ସହପର୍ଯ୍ୟବେକ୍ଷକ ରଂଜିତ ମହାପାତ୍ର, ଜିଲାପରିଷଦ ଉପଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ପୌରପାଳ ପ୍ରତୀପ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଂଚିତା ସେନାପତି, ନଗର ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା, ବସ୍ତାବ୍ଲକ ଉପାଧ୍ୟକ୍ଷା ଦିଲ୍ଲିପ ଦାସ ମହାପାତ୍ର, ବସ୍ତାବ୍ଲକ ଉପସଭାପତି ଅନାଦି ଦାସ, ଜୀବନବିନ୍ଦୁ ସଂଯୋଜକ ମଧୁସୂଦନ ସେନାପତି, ଅଜୟ ମହାନ୍ତି, ସୂର୍ଯ୍ୟାନନ୍ଦ ପାଳ, ଜିଲାପରିଷଦ ମିନତୀ ଜେନା, ଗୌରାଙ୍ଗ ସିଂ, ତୁଳସୀ କିସ୍କୁ, ଆନୁଆର ବିବି, ଗିରିଜା ମହାନ୍ତ, ଅବଦୁଲ ଗନୀ, ସୁରଜ ସୌରାସିଆ, ଆନନ୍ଦ କର, ସମ୍ଭୁନାଥ ସେଠୀ, ଦାମୋଦର ପ୍ରଧାନ, ଜ୍ୟୋତିନ୍ଦ୍ର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବ୍ଲକ ଅଧ୍ୟକ୍ଷ ମାନସ ଜେନା ପ୍ରଦୀପ ପ୍ରଜ୍ୱୋଳନ କରି ଉଦ୍‌ଘାଟନ କରିଥିଲେ । ଏଥିରେ ସତ୍ୟ ନାରାୟଣ ଦାସ, ପୂର୍ଣ୍ଣଚନ୍ଦ୍ର ସେନାପତି, ହରେକୃଷ୍ଣ ଗିରି, ଡ. ପ୍ରବିଣ ମହାପାତ୍ର, ରାଧାକୃଷ୍ଣ ଗିରି, ହେମନ୍ତ ସାହୁ, ସଂଗୀତା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ନିର୍ବାଚନସ୍ତରୀୟ କର୍ମମାନେ ଯୋଗ ଦେଇଥିଲେ। ବିଜୟ କାମିଲା ମଂଚ ଆହ୍ୱାନ କରିଥିଲେ । ସକାଳେ ପ୍ରଭାତ ଫେରି, ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କ ମାଲ୍ୟାର୍ପଣ, ଆଶ୍ରମ ଓ ଭିନ୍ନକ୍ଷମ ବିଦ୍ୟାଳୟରେ ଫଳ ବଣ୍ଟନ ତଥା ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

# ଶାନ୍ତିକାନନରେ ୧୪ତମ ପ୍ରେମ ଫଗୁଣ



ବାଲେଶ୍ୱର, ୦୫/୦୩ (ନି.ପ୍ର): ଋତୁରାଜ ବସନ୍ତର ଆଗମନରେ କବିତା ଓ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ପ୍ରେମ ଫଗୁଣ' ସହରର ମଲିକାଶପୁର ସ୍ଥିତ କବିତୀର୍ଥ ଶାନ୍ତିକାନନ ପରିସରରେ ରବିବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ନୀଲୁ ମାହାପତ୍ର, ଆଇଟିଆରର ସହକାରୀ ନିର୍ଦ୍ଦେଶକ ନୀଳାଦ୍ରୀ ରାୟ, ଯୁବ ଶିଳ୍ପ ଦ୍ୟୋଗୀ ସଞ୍ଜୟ ଦାସ, ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ଼. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଏଡିଏମ୍‌ଓ ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ପରସ୍ପରକୁ ଅବିର ଲଗାଇ ୧୪ ତମ 'ପ୍ରେମ ଓ ଫଗୁଣ' କାର୍ଯ୍ୟକ୍ରମକୁ କରିଥିଲେ। ଏହି କାର୍ଯ୍ୟକମ ଏକ ସନ୍ଦର ମାହଲ ସୃଷ୍ଟି କରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଫଗୁଣର ଆଗମନରେ ଧରାପୃଷ୍ଠ କିପରି ପ୍ରେମମୟ ହୋଇଉଠେ ତାହାକୁ ନେଇ ଅତିଥିମାନେ ମତମତ ରଖିଥିଲେ। କବି ପ୍ରଶାନ୍ତ ଦାସଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ରହ୍ମନାଥ ରଥ ପ୍ରାକ କଥା ରଖିଥିବା ବେଳେ ରଘୁନାଥ ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିଲେ। ପୀତାମ୍ବର ଦାସ ପ୍ରମର ସଜ୍ଞା ଉପରେ ଆଲୋକପାତ କରିଥିବା ବେଳେ ରାଜେଶ ଗିରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କବି କୁମାର ଗୋପାଲ ଓ ଶୁଶ୍ରୀ ବେହେରା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ କବି ପଦ୍ମଲୋଚନ ପ୍ରଧାନ, ସୈରିନ୍ଧ୍ରୀ ସାହୁ, ମନସ୍ୱିନୀ ଦେବୀ, ଦୀପକ ବୋଷ, ରଞ୍ଜନ ବାଗ, ବିମଳ ଜେନା, ଶିରିଶ ଜେନା, ପ୍ରୀତିଲେଖା ଦାସ, ପ୍ରତିମା ପଣ୍ଡା ପ୍ରମୁଖ କବିତା ପାଠ କରିଥିଲେ। ଗାୟକ ସୁଜିତ ଭୋଇ, ବହ୍ନିମାନ ରଥ, କାହ୍ନୁ ଲେଙ୍କା, ଡାକ୍ତର ଅଭିତାଭ ଗିରି, ଡାକ୍ତର ମଧୁମାଳା ଗିରି, ସ୍ନେହାଶିଷ ଦାସ, ଶିଦୀକ୍ଷା ପ୍ରହରାଜ, ବିପୁଲ ମହାପାତ୍ର, ହରଓମ୍ ଶରଣମ୍ ଦୟାନିଧି, ଚିରାଦ୍ଦିପ ପଣ୍ଡା, ପ୍ରଭୁପଦ ମହାନ୍ତି, ଇପସିତା ପ୍ରଧାନ ପ୍ରମୁଖ ସଙ୍ଗୀତ ଗାନ କରିଥିଲେ। ଚିତ୍ରଶିଳ୍ପୀ କେଶୁ ଦାସଙ୍କ ତତ୍ତ୍ୱାବଧାନରେ ଶିଳ୍ପୀ ଅରୁଣ କୁମାର ବାରିକ ଓ ରୂପକ କୁମାର ଦାସ ଏକ ସୁନ୍ଦର ରୋମାଣ୍ଟିକ ଚିତ୍ର ଅଙ୍କନ କରିଥିଲେ।

# ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ଶିବର

ବାଲେଶ୍ୱର, ୦୫/୦୩ (ନି.ପ୍ର): ଭୂତପୂର୍ବ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ବାଲେଶ୍ୱରର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଜିଲ୍ଲା ରକ୍ତଭଣ୍ଡାର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସାଂସଦ ତଥା ବିଜେଡି ଜିଲା ସଭାପତି ରବୀନ୍ଦ୍ର କୁମାର ଜେନା ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ବିଜୁ ଛାତ୍ର ଜନତା ଦଳର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ସମସ୍ତଙ୍କ ସହଯୋଗରେ ଆଜି ବାଲେଶ୍ୱରରେ ରକ୍ତର ଅଭାବ ପୂରଣ ହୋଇପାରିଛି ବୋଲି ସେ କହିଥିଲେ। ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହିତ ନିୟମିତ ବ୍ୟବଧାନରେ ଏହିଭଳି ଶିବିର ଆୟୋଜନ ପାଇଁ ସେ ଛାତ୍ରନେତାମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ବାଲେଶ୍ୱର ଅର୍ବାନ କୋଅପରେଟିଭ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉମିଳତା ଦାସ, ପୂର୍ବତନ ପୌରପାଳ ଆଲୋକ ସାହୁ ପ୍ରମୁଖ ଏହି ଶିବରରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।

# ବିଜୁ ବାବୁଙ୍କୁ ମନେ ପକାଇଲେ ଖଇରା ସିମୁଳିଆ ବାସୀ



ଖଇରା, ୦୫/୦୩ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ଓ ସିମୁଳିଆ ବ୍ଲକରେ କଳିଙ୍ଗବୀର ବିଜୁ ପଟ୍ଟନାୟକଙ୍କ ୧୦୭ତମ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ରକ୍ତଦାନ, ସାଇକେଲ ଶୋଭାଯାତ୍ରା ସମେତ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ସକାଳେ ବିଜୁବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଗୁରୁବାର ପୂର୍ବାହ୍ନରେ ସାଇକେଲରେ କୁପାରୀ ପଞ୍ଚାୟତ ପରିକ୍ରମା କରି ବିଜୁବାବୁଙ୍କ ଓଡିଶା ପ୍ରତିଥିବା ଅବଦାନ ସମ୍ପର୍କରେ ବଖାଣିଥିଲେ। ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତ, ବ୍ଲକ ଉପାଧକ୍ଷ ଗଜେନ୍ଦ୍ର ପ୍ରସାଦ ପରିଡା, ହରିପୁର ସରପଞ୍ଚପ୍ରଦୀପ ପର୍ଶୁରାମ ବେହେରାଙ୍କ ସହ ସାଇକେଲରେ କୁପାରୀରୁ ବାହାରି କୁମ୍ଭକା, ଚୁନନଟୀ, କବର ଇତ୍ୟାଦି ଗ୍ରାମ ପରିକ୍ରମା କରି ବିଜୁବାବୁ ଭଳି ପ୍ରତ୍ୟେକ ଓଡିଆ ସ୍ୱାଭିମାନୀ ହେବାକୁ ପରାମର୍ଶ ଦେଇଥିଲେ । ମହତୀପୁର ପଞ୍ଚାୟତ ଅଧୀନ ଗୋପାଳବେଡା ଠାରେ ଆୟୋଜିତ ରକ୍ତଦାନ ଶିବିରକୁ ବିଧାୟକ ଉଦ୍‌ଘାଟନ କରିବା ସମସ୍ତ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଜୀବନ ବିନ୍ଦୁ ସଂଯୋଜକ ପ୍ରହଲ୍ଲାଦ ପତି, ସରପଞ୍ଚ ପ୍ରତିନିଧି ରାମଚନ୍ଦ୍ର ବିଶ୍ୱାଳ, ସମିତିସଭ୍ୟ ପ୍ରତିନିଧି ରମାକାନ୍ତ ମହାରଣା, ଉମାକାନ୍ତ ଗିରି, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ବିଜେଡି ସଭାପତି ବ୍ରଜକିଶୋର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪୨ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।


## ନାମ ଲେଖାନ୍ତୁ! ନାମ ଲେଖାନ୍ତୁ!

# ବିବେକାନନ୍ଦ ଶିକ୍ଷାକେନ୍ଦ୍ର

କୁଣ୍ଡାବାଇ, ଉଦଳା, ମୟୂରଭଞ୍ଜ-୭୫୭୦୮୭
ଉତ୍କଳ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ଅନୁବନ୍ଧିତ
ପଞ୍ଜିକରଣ ନଂ-ଏମ୍.ବି.ଜେ./ୟୁ.ଡ଼ି.ଏଲ୍.-୧୧୩, ସ୍ଥାପିତ-୨୦୧୫-୧୬
ଦୂରଭାଷ- ୯୩୩୭୦୯୨୨୦୨, ୮୦୧୮୯୮୨୩୦୮

ଶିକ୍ଷାବର୍ଷ -୨୦୨୩-୨୪ ପାଇଁ ନାମ ଲେଖାଇବା ନିମନ୍ତେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, କୁଣ୍ଡାବାଇ, ଉଦଳା, ମୟୂରଭଞ୍ଜ ଦରଖାସ୍ତ ଆହ୍ୱାନ କରୁଅଛି। ସରକାରଙ୍କ ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ୨୫ ପ୍ରତିଶତ ପିଲାଙ୍କୁ ମାଗଣା ଶିକ୍ଷାଦାନର ବ୍ୟବସ୍ଥା ରହିଛି । ଏଥି ନିମନ୍ତେ ଅନୁସୂଚୀତ ଜାତି/ଜନଜାତି, ପଛୁଆବର୍ଗ, ଦିବ୍ୟାଙ୍ଗ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଛାତ୍ରଛାତ୍ରୀ, ବାପ ମାଆ' ଛେଉଣ୍ଡ, ଗୃହଶୂନ୍ୟ, ଶିଶୁ ଶ୍ରମିକ, ଏଚ୍.ଆଇ.ଭି. ଆକ୍ରାନ୍ତ, ନିର୍ମାଣ ଶ୍ରମିକ ବର୍ଗର ପିଲାମାନଙ୍କୁ ଅଗ୍ରାଧିକାର ଦିଆଯିବ । ଆବଶ୍ୟକୀୟ ପ୍ରମାଣ ପତ୍ର ସହିତ ଅନ୍‌ଲାଇନ୍ (www.rteparadarshi.odisha.in) ରେ ଆବେଦନ କରିପାରିବେ। ପ୍ରଥମ ପର୍ଯ୍ୟାୟ ଆବେଦନର ଶେଷ ତାରିଖ ୧୬ ମାର୍ଚ୍ଚ ୨୦୨୩। ଦ୍ୱିତୀୟ ପର୍ଯ୍ୟାୟ ଆବେଦନର ଶେଷ ତାରିଖ ୨୪ ଏପ୍ରିଲ-୨୦୨୩।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର,
କୁଣ୍ଡାବାଇ, ମୟୂରଭଞ୍ଜ



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo